



### ଗଞ୍ଜେଇ ଚାଲାଣ ଅଭିଯୋଗ

## ଦୁଇ ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ୍ ଓ ୧ଲକ୍ଷ ଲେଖାଁଏ ଜରିମାନା

**କଟକ, ୧୩।୨ (ସମିସ):** ବେଆଇନ ଗଞ୍ଜେଇ ଚାଲାଣ କରିବା ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ କଟକ ଦ୍ୱିତୀୟ ଅତିରିକ୍ତ ଦୌରା ଜଜ୍ ଏନଡିପିଏସ ଆଇନର ଧାରା ୨୦(ବି)(୨)(ସି)ରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୁଇ ଅଭିଯୁକ୍ତ ହେଲେ, ବିହାର ସମସ୍ତିପୁର ଜିଲ୍ଲା ଅନ୍ତର୍ଗତ ଡାଲସିଂହସରାଇ ଥାନା ଅଞ୍ଚଳର ମହମ୍ମଦ ଇସ୍ତେଖାର ଅନସାରି(୨୩) ଓ ସୂରଜ କୁମାର(୨୭)। ଉଭୟଙ୍କୁ ୧୦ ବର୍ଷ ସଶ୍ରମ ଜେଲ ଓ ୧ଲକ୍ଷ ଟଙ୍କା ଲେଖାଏଁ ଜରିମାନା ଆଦେଶ ପ୍ରଦାନ କରିଛନ୍ତି ଅଦାଲତ। ଜରିମାନା ଅନାଦେୟ ହେଲେ, ଦୁଇ ଜଣଙ୍କୁ ୬ମାସ ଅଧିକ ଜେଲଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ପ୍ରକାଶିତ ରାୟରେ ଉଲ୍ଲେଖ କରାଯାଇଛି। ଇସ୍ତେଖାର ଓ ସୂରଜକୁ ଦୋଷୀ ସାବ୍ୟସ୍ତ କରି ଅଦାଲତ ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ୨୦୨୨ ଜୁନ୍ ୬ରେ ଅବକାରୀ ଗୁଇନ୍ଦା ବିଭାଗର ଏକ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ କଟକ ଓଏମପି ଓଭରବ୍ରିଜ ନିକଟରେ ଗୋଟିଏ ଧଳାରଙ୍ଗର ଟାଟା ସୁମୋ ସନ୍ଦେହଜନକ ଅବସ୍ଥାରେ ଯାଉଥିବା ଦେଖିବାକୁ ମିଳିଥିଲା। ଅବକାରୀ କର୍ମଚାରୀମାନେ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ। ଗାଡ଼ିରୁ ୩ଟି ଜରିରେ ଥିବା ୬୦ କିଲୋ ଗଞ୍ଜେଇ ଜବତ କରାଯାଇଥିଲା। ଅବକାରୀ ବିଭାଗ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଦେବାଶିଷ ସାମନ୍ତରାୟ ଓ ଅତିରିକ୍ତ ପିପି ବିଶ୍ୱଜିତ ବରାଳ ମାମଲା ପରିଚାଳନା କରୁଥିଲେ।

### ଏଟିଏମ୍ ଭ୍ୟାନରୁ ୧.୬୭ କୋଟି ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାସ୍

# ୭ ଗିରଫ, ୬୪ ଲକ୍ଷ ଟଙ୍କା ଜବତ

**କଟକ, ୧୩।୨ (ସମିସ):**

କଟକ ଜିଲ୍ଲା ତିଗିରିଆ ଥାନା ଅନ୍ତର୍ଗତ ଗୋଡ଼ିଝରିଆରେ ଏଟିଏମ୍ ଭ୍ୟାନ୍‌ରୁ ୧.୬୭ କୋଟି ଟଙ୍କା ଲୁଟ ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଲୁଟ କରିଥିବା ଗ୍ୟାଙ୍ଗର ୭ଜଣ ସଦସ୍ୟଙ୍କୁ ଗ୍ରାମାଞ୍ଚଳ ପୁଲିସ ଧରିବା ସହ ଲୁଟ୍ ହୋଇଥିବା ୬୪ ଲକ୍ଷ ଟଙ୍କା ଜବତ କରିଛି। ସେହିପରି ଅଭିଯୁକ୍ତଙ୍କଠାରୁ ୩ଟି ଛୁରୀ ଓ ବାଇକ ପୁଲିସ ଜବତ କରିଥିବା ନେଇ କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।



ଟଙ୍କା ନେଇ ଯାଉଥିବା ଏଟିଏମ୍ ଭ୍ୟାନର ଜଣେ କର୍ମଚାରୀ ଓ ଆଉ ଗୋଟିଏ ଭ୍ୟାନର କର୍ମଚାରୀ ଅର୍ଥାତ ଦୁଇଜଣ କର୍ମଚାରୀ ଏହି ଲୁଟର ପ୍ଲାନ କରିଥିଲେ। ଦୁଇ କର୍ମଚାରୀ ଅନଲାଇନ ଗେମିଂ ଆପ୍‌ରେ ୧୫ଲକ୍ଷ ଟଙ୍କା ହରାଇଥିଲେ। ତେଣୁ ସେମାନେ କେମିତି ହାରି ଯାଇଥିବା ଟଙ୍କାକୁ ପାଇବେ, ସେଥିପାଇଁ ଏଟିଏମ ଭ୍ୟାନ ଲୁଟ କରିବା ପାଇଁ ଯୋଜନା କରିଥିଲେ। ଯୋଜନା ମୁତାବକ, ସେମାନେ ଟଙ୍କା ଯିବା ସମୟର ସୂଚନା କଲିମ ଖାନ ନାମକ ଜଣେ ପେସାଦାର ଅପରାଧୀକୁ ଦେଇଥିଲେ। କଲିମ ଗ୍ୟାଙ୍ଗର ସଦସ୍ୟମାନେ ଏଟିଏମ ଭ୍ୟାନରୁ ଟଙ୍କା ଲୁଟ କରିବାରେ ସଫଳ ହୋଇଥିଲେ। ଗିରଫ ୭ ଜଣଙ୍କ ଘର ତିଗିରିଆର ପଙ୍କଳ ଗାଁରେ। ଲୁଟ ହୋଇଥିବା ସ୍ଥାନଠାରୁ ୫ କିମି ଦୂରରେ ସମସ୍ତ ଅଭିଯୁକ୍ତଙ୍କ ଘର। ଗିରଫ ୭ ଜଣଙ୍କ ମଧ୍ୟରୁ କଲିମ ଓ ତା’ର ଆଉ ଜଣେ ସହଯୋଗୀ ନାଁରେ ପୂର୍ବରୁ ମଧ୍ୟ ଅନେକ ମାମଲା ରହିଛି। ଲୁଟ ଷଡ଼ଯନ୍ତ୍ରରେ ଆଉ କିଛି ଲୋକଙ୍କ ଭୂମିକା ମଧ୍ୟ ରହିଛି। ସେମାନଙ୍କୁ ଚିହ୍ନଟ କରାଯାଇ ସାରିଛି। ଖୁବଶୀଘ୍ର ଗିରଫ କରାଯିବ ବୋଲି ଶ୍ରୀ ପଣ୍ଡା ସୂଚନା ଦେଇ କହିଛନ୍ତି।

୨୦୨୩ ନଭେମ୍ବର ୧୦ ତାରିଖରେ ଏହି ବଡ଼ଧରଣର ଲୁଟ ଘଟଣା ଘଟିଥିଲା। ତିଗିରିଆ ଥାନା ଅନ୍ତର୍ଗତ ଗୋଡ଼ିଝରିଆ ରାସ୍ତାରେ ପ୍ରାୟ ୧୫ଜଣ ଲୁଟେରା ଏଟିଏମ ଭ୍ୟାନରୁ ଫିଲ୍ମ ଷ୍ଟାଇଲରେ ଲୁଟ କରିଥିଲେ। ସେମାନେ ସୁପରିକଳ୍ପିତ ଯୋଜନା ଅନୁଯାୟୀ ଟଙ୍କା ବୋଝେଇ ଏଟିଏମ ଗାଡ଼ିକୁ ବନ୍ଧୁକ ମୁନରେ ଅଟକାଇ ୧.୬୭ କୋଟି ଟଙ୍କା ଲୁଟି ନେଇଥିଲେ। ତିଗିରିଆ ଥାନାରେ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଥିଲା। ଏସଡିପିଓ ଓ ତିଗିରିଆ ଥାନା ଆଇଆଇସି ଜ୍ଞାନ ରଞ୍ଜନ ସାମଲଙ୍କ ନେତୃତ୍ୱରେ ଏକ ସ୍କ୍ୱାର୍ଡ ଗଠନ କରାଯାଇଥିଲା। ଘଟଣାସ୍ଥଳରେ ପୁଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ଅନୁସନ୍ଧାନ କରାଯାଇଥିଲା। ୩ ମାସ ପରେ ପୁଲିସ କେତେକ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନଙ୍କୁ ଧରିବା ପାଇଁ ଧରପଗଡ଼ ଅଭିଯାନ ଜାରି ରଖିଛି।

## ଗ୍ରାମ୍ୟ ନିର୍ମାଣ ବିଭାଗର ୧୫ ପ୍ରକଳ୍ପ ପାଇଁ ୨.୮୧ କୋଟି ମଞ୍ଜୁର

**କଟକ, ୧୩।୨(ସମିସ):** କଟକ ଜିଲ୍ଲା ଗ୍ରାମ୍ୟ ନିର୍ମାଣ ବିଭାଗ ଡିଭିଜନ-୨ ଅଧୀନସ୍ଥ ବିଭିନ୍ନ ପ୍ରକଳ୍ପ ପାଇଁ ସରକାରଙ୍କ ପକ୍ଷରୁ ୨ କୋଟି ୮୧ ଲକ୍ଷ ୧୭ ହଜାର ଟଙ୍କାର ଆର୍ôଥକ ଅନୁଦାନ ମିଳିଛି। ଏହି ଅର୍ଥ ବ୍ୟୟ କରାଯାଇ୧୫ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ କରାଯିବ। ସେଥିମଧ୍ୟରେ ୮ଟି ରାସ୍ତା ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ୭ଟି ନୂତନ କୋଠା ନିର୍ମାଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ବିଭାଗୀୟ ସୂତ୍ରରୁ ପ୍ରକାଶ ଯେ, ଅନୁଦାନ ମିଳିବା ପରେ ଆଠଗଡ଼ ବ୍ଲକ ଛଗାଁ, ତିଗିରିଆ ସୋମପଡ଼ା, ଜେମାଦେଇପୁର, ବାଲିପୁଟ, ଭୋଗଡ଼ାରେ ଡେ କେୟାର ସେଣ୍ଟର ନିର୍ମାଣ କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ କରାଯିବ। ଏଥିପାଇଁ ୧ କୋଟି ୮୫ ଲକ୍ଷ ୫ ହଜାର ଟଙ୍କାର ଅନୁଦାନ ମିଳିଛି। ଏହାର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିଭଳି ୬୩ ଲକ୍ଷ ୯୭ ହଜାର ଟଙ୍କା ବ୍ୟୟ ଅଟକଳରେ ରଣାଶଙ୍ଖ ରାସ୍ତା, ପଦ୍ମପୁର ଗଣଗଣା, ବାଙ୍କି-କଳାପଥର, ଜରିଆ ସହର ସାହି ରାସ୍ତା ସହିତ ନରସିଂହପୁଠାରେ ଜେଏମଏଫସି କୋଠା ଆଦି ନିର୍ମାଣ କରାଯିବ। ଅନୁରୂପ ଭାବେ ୩୨ ଲକ୍ଷ ୧୫ ହଜାର ଟଙ୍କା ବ୍ୟୟରେ କେରଙ୍ଗା ବାଇଧରପାଟଣା, ରଘୁନାଥପୁର-ହେମାମାଳପୁର, ଓସ୍ତପୁର -ସନ୍ତାନିବାଟି ଓ କୁଲେଇଲୋରେ ରାସ୍ତା ନିର୍ମାଣ କରାଯିବ ବୋଲି ଜଣାପଡ଼ିଛି।

### ନକଲି ଡାକ୍ତର ପ୍ରସଂଗରେ ସରକାରଙ୍କ ସତ୍ୟପାଠ

## ପଞ୍ଜିକୃତ ଡାକ୍ତରଙ୍କ ଯାଞ୍ଚ କରାଯାଉଛି

**କଟକ, ୧୩।୨(ସମିସ):** ଜାଲ୍ ଏମ୍‌ବିବିଏସ ଡିଗ୍ରୀ ପ୍ରମାଣପତ୍ର ବଳରେ ଡାକ୍ତର ନିଯୁକ୍ତି ପାଇବା ତଥା ଉପଯୁକ୍ତ ଡିଗ୍ରୀ ନଥାଇ ନକଲି ଡାକ୍ତର ରୋଗୀ ସେବା ଚଳାଇବା ଭଳି ସମ୍ବେଦନଶୀଳ ପ୍ରସଂଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାରେ ଏକ ସତ୍ୟପାଠ ଦାଖଲ କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୭ତାରିଖକୁ ଧାର୍ଯ୍ୟ କରିବା ସହ ସତ୍ୟପାଠ ଉପରେ ଜବାବ ରଖିବାକୁ ଆମିକସକ୍ୟୁରୀଙ୍କୁ କହିଛନ୍ତି ଅଦାଲତ। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ରୁଜୁ ଏହି ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଅରିନ୍ଦମ ସିହ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପଞ୍ଜିକୃତ ସରକାରୀ ଓ ବେସରକାରୀ ଡାକ୍ତରଙ୍କୁ ଡକାଯାଇ ଯାଞ୍ଚ କାର୍ଯ୍ୟ ଶେଷ ହୋଇଛି। ବିଶେଷକରି ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ପଞ୍ଜୀକରଣ ପ୍ରମାଣପତ୍ରକୁ ଯାଞ୍ଚ କରାଯାଇଛି। ସମସ୍ତ କାର୍ଯ୍ୟରତ ଡାକ୍ତରଙ୍କ ଅନଲାଇନ ଡାଟାବେସ ପ୍ରସ୍ତୁତି ଓ ନିୟମିତ ଯାଞ୍ଚ କରାଯିବା ସଂକ୍ରାନ୍ତରେ ନିଆଯାଉଥିବା ପଦକ୍ଷେପ ଉପରେ ସଂକ୍ରାନ୍ତରେ ସତ୍ୟପାଠରେ ଉଲ୍ଲେଖ ରହିଛି। କାଉନସିଲ ଅଫ୍ ମେଡିକାଲ ରେଜିଷ୍ଟ୍ରେସନ ଓଡ଼ିଶା ପକ୍ଷରୁ ଗତ ୨୦୨୨ ଜୁନ୍ ୧୯ ପର୍ଯ୍ୟନ୍ତ ମାନୁଆଲ ରେଜିଷ୍ଟ୍ରେସନ ହେଉଥିବା ବେଳେ ଏହା ପରଠାରୁ ଡାକ୍ତରମାନଙ୍କର ଅନଲାଇନରେ ରେଜିଷ୍ଟ୍ରେସନ କରାଯାଉଥିବା ସତ୍ୟପାଠରେ ଉଲ୍ଲେଖ ରହିଛି। ସେହିପରି ସମସ୍ତ ସିଡିଏମଓଙ୍କ ପକ୍ଷରୁ ବୈଧ ରେଜିଷ୍ଟ୍ରେସନ ଦାଖଲ ପାଇଁ ନୋଟିସ ଜାରି ପରେ ଯାଞ୍ଚ ହୋଇଥିବା କୁହାଯାଇଛି।

ମାମଲାରୁ ପ୍ରକାଶ ଯେ ଜାଲ୍ ଏମବିବିଏସ ଡିଗ୍ରୀ ପ୍ରମାଣପତ୍ର ଦେଇ ସୁନ୍ଦରଗଡ଼ ଜିଲ୍ଲାର ନୂଆଗାଁ ପିଏଚସିରେ ଜଣେ ବ୍ୟକ୍ତି ଡାକ୍ତର ନିଯୁକ୍ତି ପାଇଥିଲେ। ବୁର୍ଲା ମେଡିକାଲ କଲେଜ ଓ ହସପିଟାଲରୁ ଏମବିବିଏସ ପାସ କରିଥିବା ନେଇ ସେ ଜାଲ ପ୍ରମାଣପତ୍ର ଦେଇଥିଲେ। ସୁନ୍ଦରଗଡ଼ ଟାଉନ ପୁଲିସ ତାଙ୍କୁ ଗିରଫ କରିଥିଲା। ହାଇକୋର୍ଟରେ ଏହି ମାମଲା ପହଞ୍ଚିବା ପରେ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ କ୍ରାଇମବ୍ରାଞ୍ଚ ତଦନ୍ତ କରି ରିପୋର୍ଟ ଦେଇଥିଲା। ଏହାପରେ ଅଦାଲତ ସମଗ୍ର ରାଜ୍ୟରେ ଯାଞ୍ଚ ପ୍ରକ୍ରିୟା ଉପରେ ଗୁରୁତ୍ୱାରୋପ କରିଥିଲେ।

## କଳାକାରଙ୍କ ଭତ୍ତା ବୃଦ୍ଧି ଦାବି

**କଟକ, ୧୩।୨ (ସମିସ):** କଳାକାରମାନଙ୍କର ଭତ୍ତା ବୃଦ୍ଧି କରିବାକୁ କଟକ ମହାନଗର ଶାନ୍ତି କମିଟି ସାଧାରଣ ସମ୍ପାଦକ ଭିକାରୀ ଦାସ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ସବୁ ଶ୍ରେଣୀର ଶ୍ରମଜୀବୀମାନଙ୍କ ଭତ୍ତା ବୃଦ୍ଧି କରାଯାଉଥିବା ବେଳେ କଳାକାରଙ୍କ ଭତ୍ତା ବୃଦ୍ଧି ନ ହେବା ଅତ୍ୟନ୍ତ କ୍ଷୋଭର ବିଷୟ। ମାସିକ ମାତ୍ର ୧୨୦୦ ଟଙ୍କା ଭତ୍ତାରେ ନିଜର ପରିବାର ଭରଣପୋଷଣ କରିବା କଷ୍ଟକର ହେଉଛି। ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଯେଉଁ ଦୁଃସ୍ଥ କଳାକାରମାନେ ପୁରାତନ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ସେମାନଙ୍କ ଭତ୍ତା ବୃଦ୍ଧି କରିବା ନିହାତି ଆବଶ୍ୟକ। ଏପର୍ଯ୍ୟନ୍ତ ଯେଉଁ କଳାକାରମାନେ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି ସେମାନଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରିବାକୁ ଶ୍ରୀ ଦାସ ନିବେଦନ କରିଛନ୍ତି।



ପବିତ୍ର ମାଘ ମାସ କୁମ୍ଭ ସଂକ୍ରାନ୍ତି ଅବସରରେ ମା’କଟକଚଣ୍ଡୀଙ୍କ ପଦ୍ମବେଶ

# ମହାନଦୀ ସଫେଇକଲେ ଉତ୍ତରପ୍ରଦେଶ ଯବାନ







**କଟକ, ୧୩।୨(ସମିସ):**

ଉତ୍ତରପ୍ରଦେଶର ଷ୍ଟେଟ୍ ଡିଜାଷ୍ଟର ରେସପନ୍ସ ଫୋର୍ସ (ଏସ୍‌ଡିଆରଏଫ) ଯବାନ ମାନେ ମହାନଦୀ ସଫେଇ କରିଛନ୍ତି। ଗଭୀର ଜଳରାଶିରେ ବୁଡି ମହାନଦୀ ଭିତରୁ ଆବର୍ଜନା ଉଠାଇଛନ୍ତି। ପ୍ରାୟ ୩ ଘଣ୍ଟା ଧରି ଯବାନମାନଙ୍କ ଦ୍ୱାରା ଚାଲିଥିବା ଏହି ସଫେଇ କାର୍ଯ୍ୟକ୍ରମ ମଙ୍ଗଳବାର ଏକ ନିଆରା ପରିବେଶ ସୃଷ୍ଟି କରିଥିଲା। ତୁଳସୀପୁର ହାତିଗଡ଼ା ନିକଟରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। କଳିଙ୍ଗ ଡାଇଭର୍ସ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ବେଳେ ମେୟର ସୁବାସ ସିଂହ ଏଥିରେ ଅତିଥି ଭାବେ ଯୋଗ ଦେଇ ଯବାନମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

**୨୪ ଯବାନ ଦୁଇ ମାସ ଧରି ପ୍ରଶିକ୍ଷଣ ନେଉଥିଲେ**

ଘଟଣାରୁ ପ୍ରକାଶ ଯେ, ଉତ୍ତରପ୍ରଦେଶ ଏସ୍‌ଡିଆରଏଫର ୨୪ଜଣ ଯବାନ ଗତ ଦୁଇ ମାସ ହେବ କଟକରେ ପ୍ରଶିକ୍ଷଣ ନେଉଥିଲେ। ଯବାନ ମାନେ ହେଲେ, ଅରୁଣ ଯାଦବ, ଚନ୍ଦନ କୁମାର, ଦିବ୍ୟ ରୋଶନ କୁମାର, ରବି କୁମାର ଯାଦବ, ପ୍ରଦୀପ କୁମାର ବ୍ରିଜେଶ ଯାଦବ, ରମେଶ ଚନ୍ଦ୍ର ଶର୍ମା, ଧୀରଜ କୁମାର, ଅଜୟ ଭାରତୀ, ଦିବାକର ସିଂହ, ଅମିତ କୁମାର, ଦେବେନ୍ଦ୍ର, ମାରୁତି ନନ୍ଦନ, କରିମ ଖାନ, ଦିନେଶ କୁମାର, ନୀତିନ କୁମାର, ବ୍ରିଜେଶ କୁମାର ଗିରି, ସଜେନ୍ଦ୍ର କୁମାର, ବଳରାମ ସିଂହ, ପ୍ରଶାନ୍ତ ତ୍ରିପାଠୀ, ଅଭିଷେକ କୁମାର, ନୀତେଶ କୁମାର ଶୁକ୍ଳା, ଧୀରେନ୍ଦ୍ର କୁମାର ଏବଂ ମୋହିତ ସିଂହ। ଉତ୍ତରପ୍ରଦେଶ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏମାନଙ୍କୁ କଟକ ମହାନଦୀରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଥିଲା। ଅନ୍ତର୍ଜାତୀୟ ସମୁଦ୍ରବୁଡାଳି ତଥା ଲିମକା ବୁକ୍ ରେକର୍ଡଧାରୀ ସବୀର ବକ୍ସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍କୁବା ଡାଇଭିଂ ସମେତ ଅଣ୍ଡର ୱାଟର ରେସକ୍ୟୁ, ଲାଇଫ ସେଭିଂ ଭଳି ଅନେକ ଅତ୍ୟାବଶ୍ୟକ ପ୍ରଶିକ୍ଷଣ ଦିଆଯାଉଥିଲା। ସମସ୍ତ ପ୍ରଶିକ୍ଷାର୍ଥି ଏଠାରୁ ପ୍ରଶିକ୍ଷଣ ହାସଲ କରିବା ପରେ ଉତ୍ତରପ୍ରଦେଶ ଫେରି ଯାଇଛନ୍ତି। ସେଠାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏମାନଙ୍କୁ ନିୟୋଜିତ କରାଯିବ। ବିପତ୍ତି ସମୟରେ ଲୋକଙ୍କୁ କିପରି ଉଦ୍ଧାର କରାଯିବ ସେ କ୍ଷେତ୍ରରେ ଏମାନେ କାର୍ଯ୍ୟ କରିବେ।

ସବୀରଙ୍କ ସୂଚନା ମୁତାବକ, ଯବାନମାନେ ଉତ୍କଣ୍ଠାର ସହ ପ୍ରଶିକ୍ଷଣ ନେଉଥିଲେ। ଗଭୀର ଜଳ ରାଶିରେ ବୁଡି ଲୋକଙ୍କୁ କିପରି ସହଜରେ ଉଦ୍ଧାର କରି ପାରିବେ ସେ କ୍ଷେତ୍ରରେ ପାରଙ୍ଗମତା ହାସଲ କରିଛନ୍ତି। ଦକ୍ଷତାର ସହ ଏବେ ସେମାନେ କାର୍ଯ୍ୟ କରି ପାରିବେ। ପ୍ରଶିକ୍ଷଣ ଶେଷ ହେବା ପରେ ନିଜ ସ୍ୱଇଚ୍ଛାରେ ମହାନଦୀ ସଫେଇ କରିବାକୁ ସେମାନେ ଆଗଭର ହୋଇଥିଲେ। ଏହାକୁ ଲକ୍ଷ୍ୟରେ ରଖି ସଫେଇ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ମହାନଦୀ କୂଳରେ ଅନେକ ଅଳିଆ ଆବର୍ଜନା ଜମି ରହିଥିଲା। ଲୋକଙ୍କ ସଚେତନତା ଅଭାବରୁ ମହାନଦୀ ପ୍ରଦୂଷିତ ହେଉଛି। ସଫେଇ କାର୍ଯ୍ୟକ୍ରମ ବେଳେ ପାଣି ଭିତରୁ ବହୁ ପରିମାଣର ପଲିଥିନ ସଂଗ୍ରହ କରିଥିଲେ। କଟକର ଜନସାଧାରଣ ଏ ଦିଗରେ ସଚେତନ ହେବାକୁ ସବୀର ନିବେଦନ କରିଛନ୍ତି। ରାଜ୍ୟର ସର୍ବକନିଷ୍ଠ ସ୍କୁବା ଡାଇଭର ସୌମ୍ୟଜିତ ରାୟ ଓ ଭବ୍ୟାଶ୍ରୀ, ୱିଣ୍ଡସର୍ଫର ରାଜା ଅହମ୍ମଦ ଖାନ ଓ ବିଶ୍ୱଜିତ କାହାଳିଙ୍କୁ ଏହି ଅବସରରେ ମେୟର ସମ୍ବର୍ଦ୍ଧିତ ମଧ୍ୟ କରିଥିଲେ। ପୂର୍ବତନ ନୌସେନା ଅଧିକାରୀ ପୀତବାସ ସାସମଲ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତୁଳସୀପୁର ପୂଜା କମିଟି ଏବଂ ଭୁବନେଶ୍ୱରର ଆଞ୍ଜେଲା ରୋଟାରୀ କ୍ଲବର ସଦସ୍ୟ ସହଯୋଗ କରିଥିଲେ।

## ଅଗ୍ନିପଥ ଯୋଜନା ଏବଂ ନିଯୁକ୍ତି ରାଲି ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ

**କଟକ, ୧୩।୨(ସମିସ):** ଭାରତୀୟଅଗ୍ନିପଥ ଯୋଜନା ଓ ନିୟମିତ କ୍ୟାଡର ନିଯୁକ୍ତି ରାଲି ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା-୨୦୨୪ରେ ପଞ୍ଜିକରଣ ନିମନ୍ତେ ଅନ୍‌ଲାଇନ୍ ପଞ୍ଜିକରଣ ଆରମ୍ଭ ହୋଇଛି। ଫେବୃଆରୀ ୧୩ରୁ ଆରମ୍ଭ ହୋଇଥିବା ଏହି ପଞ୍ଜିକରଣ ମାର୍ଚ୍ଚ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। କଟକ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, ବାଲେଶ୍ୱର, ଖୋର୍ଦ୍ଧା, ଯାଜପୁର, ପୁରୀ ଏବଂ ଭଦ୍ରକ ଜିଲ୍ଲାର ଯୋଗ୍ୟ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ। ପ୍ରାର୍ଥୀ ଭାରତୀୟ ସେନାର ୱେବସାଇଟ୍ ମାଧ୍ୟମରେ ପଞ୍ଜିକରଣ କରିପାରିବେ। ଏଥିପାଇଁ ପ୍ରାର୍ଥୀମାନଙ୍କୁ କମ୍ପ୍ୟୁଟର ଆଧାରିତ ଅନ୍‌ଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ଦେବାକୁ ପଡ଼ିବ। ଆବେଦନକାରୀ ୨୫୦ ଟଙ୍କା ପରୀକ୍ଷା ଫି ଦାଖଲ କରିବେ। ୨୨ଏପ୍ରିଲ ୨୦୨୪ ପରେ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଏହି ଅନ୍‌ଲାଇନ୍ ପରୀକ୍ଷା ଅନୁଷ୍ଠିତ ହେବ। ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ସହ ଆବେଦନକାରୀଙ୍କୁ ପରିଚିତ କରାଇବା ପାଇଁ ୱେବସାଇଟ୍‌ରେ ଏକ ଅଭ୍ୟାସ ପରୀକ୍ଷା ଉପଲବ୍ଧ ରହିଛି। ପଞ୍ଜିକରଣ ସମ୍ବନ୍ଧିତ କୌଣସି ଅନୁସନ୍ଧାନ ନିମନ୍ତେ ପ୍ରାର୍ଥୀମାନେ ଆର୍ମି ନିଯୁକ୍ତି କାର୍ଯ୍ୟାଳୟ, କଟକ ସହ ଯୋଗାଯୋଗ କରିବାକୁ କୁହାଯାଇଛି।






### ହୋଟେଲ, ରେଷ୍ଟୁରାଣ୍ଟର ବର୍ଜ୍ୟ ସୁପରିଚାଳନାକୁ ସିଏମ୍‌ସିର ଗୁରୁତ୍ୱ

## ଅବହେଳା ପ୍ରଦର୍ଶନକଲେ କାର୍ଯ୍ୟାନୁଷ୍ଠାନ

**କଟକ, ୧୩।୨(ସମିସ):**

କଟକ ସହରର ପରିମଳ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ସିଏମସି ନୂତନ କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି। ବିଶେଷକରି ହୋଟେଲ, ରେଷ୍ଟୁରାଣ୍ଟ ଓ ଲଜିଂ ଗୁଡିକରୁ ନିର୍ଗତ ବର୍ଜ୍ୟର ସୁପରିଚାଳନା ପାଇଁ ଏକାଧିକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଚୌଧୁରୀବଜାର ସ୍ଥିତ ଟାଉନ୍ ହଲରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବିଶେଷକରି ସହରରେ ଥିବା ବ୍ୟବସାୟିକ ସଂସ୍ଥା ଗୁଡିକରୁ ବାହାରୁଥିବା ବର୍ଜ୍ୟର ସୁପରିଚାଳନା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ସହରର ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଓ ଲଜିଂ ଗୁଡିକର ମାଲିକ ଏଥିରେ ଯୋଗଦେଇଥିଲେ।



ସହଜରେ ଯେପରି ବର୍ଜ୍ୟଗୁଡିକୁ ସେମାନେ ସିଏମସିକୁ ହସ୍ତାନ୍ତର କରିପାରିବେ ସେନେଇ ସଚେତନ କରାଯାଇଥିଲା। ପ୍ରତ୍ୟେକ ଦିନ ସକାଳ ୯ଟା ମଧ୍ୟରେ ଅଳିଆବୁହା ଗାଡି ଉପରୋକ୍ତ ବ୍ୟବସାୟ ସଂସ୍ଥାରୁ ଆବର୍ଜନା ସଂଗ୍ରହ କରିବ ବୋଲି ସିଏମସି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବ୍ୟବସାୟୀମାନେ ଏଥିରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ବୈଠକରେ ରାଜି ହୋଇଥିଲେ। ସେମାନେ ଧାର୍ଯ୍ୟ ନିୟମାବଳୀ ନ ମାନି କରି ଅଳିଆ ଆବର୍ଜନା ସିଏମସି ବର୍ଜ୍ୟବୁହା ଗାଡିରେ ଯଦି ନ ଦିଅନ୍ତି ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଏମସି ପକ୍ଷରୁ ଚେତାଇ ଦିଆଯାଇଥିଲା। ଅନୁଷ୍ଠିତ ବୈଠକରେ ଅତିରିକ୍ତ କମିଶନର ଅନାମ ପାତ୍ର, ଡେପୁଟି କମିଶନର ସୁବ୍ରତ ବେହେରା, ସହର ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କ ସମେତ ପରିମଳ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## କଂଗ୍ରେସର ସାଂଗଠନିକ ପ୍ରସ୍ତୁତି ବୈଠକ

**କଟକ, ୧୩।୨(ସମିସ):** ୱାର୍ଡ ନଂ-୨୨ ପେଟିନ ସାହିରେ ଏକ ସାଂଗଠନିକ ପ୍ରସ୍ତୁତି ବୈଠକ ବିଧାୟକ ମହମ୍ମଦ ମୋକିମଙ୍କ ଆହ୍ୱାନକ୍ରମେ କଟକ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଯାଇଛି। ପୂର୍ବତନ କର୍ପୋରେଟର ଅନିତା ନାୟକ ଧନ୍ୟବାଦ ଦେଇଥିଲେ। ଚାରୁଲତା ସାହୁ, ଅମ୍ରିତା ଦାସ, ରଶ୍ମୀ ରଞ୍ଜନ ମିଶ୍ର, ବିକି ଚକ୍ରବର୍ତ୍ତୀ, କେ ରମେଶ, ସେକ ଆବିଦ, ସେକ ଇରଫାନ, ସେକ ଅଜିଜ, ଶୁଭେନ୍ଦୁ ନାୟକ, ଅଜିତ ଦାସ, ମଧୁମାୟା ଦାସ, ଦୀପକ ଦାସ, ସ୍ୱରୂପ ମୋହନ ପଟି, କିଶୋର ଦାସ, ବିନୋଦ ମହାରଣା, ଅଭିଜିତ ପ୍ରଧାନ, ସମ୍ବିତ ଦାସ, ରାଜୀବ ମହାନ୍ତି, ସୁବାସ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।









# କଟକ ସିଟି

### ସାଇବର ଠକଙ୍କ ଶିକାର ହେଲେ ଚାକିରି ଆଶାୟୀ

# ରୋଜଗାର ଆଶାରେ ହରାଇଲେ ୬ ଲକ୍ଷ

**କଟକ,୧୩।୨(ସମିସ)**

ଚୌଦ୍ୱାର ଅଞ୍ଚଳର ଜଣେ ଯୁବକ ସାଇବର ଠକେଇର ଶିକାର ହୋଇଛନ୍ତି। ରୋଜଗାର ଆଶାରେ ପଡି ସେ ପ୍ରାୟ ୬ଲକ୍ଷ ଟଙ୍କା ହରାଇଛନ୍ତି। ଏ ନେଇ କଟକ ସାଇବର ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ, ଚୌଦ୍ୱାର ଅଞ୍ଚଳର ମଧୁସୂଦନ ଦାସ। ସ୍ନାତକ ପାଠପଢ଼ା ଶେଷ ହେବା ପରେ ସେ ବିଭିନ୍ନ ସ୍ଥାନରେ ଚାକିରି ଆବେଦନ କରୁଥିଲେ। ଅନଲାଇନ୍‌ରେ ଏ ନେଇ ଖୋଜାଖୋଜି ମଧ ଚଳାଇଥିଲେ। କିଛି ଦିନ ପୂର୍ବେ ତାଙ୍କ ମୋବାଇଲ ହ୍ୱାଟସଆପକୁ ଏକ ମେସେଜ ଆସିଥିଲା। ଯେଉଁଥିରେ ଏକ ଲିଙ୍କ ରହିଥିଲା। ଚାକିରି କରିବାକୁ ଚାହୁଁଥିଲେ ଉକ୍ତ ଲିଙ୍କ୍‌ରେ କ୍ଲିକ କରିବାକୁ ମେସେଜରେ ଉଲ୍ଲେଖ ହୋଇଥିଲା। ଚାକିରି ଆଶାୟୀ ମଧୁସୂଦନ ଉକ୍ତ ଲିଙ୍କ୍‌କୁ କ୍ଲିକ କରିବା ପରେ ତତକ୍ଷଣାତ ଟେଲିଗ୍ରାମ ଗ୍ରୁପ୍‌ରେ ତାଙ୍କୁ ଯୋଡ଼ି ଦିଆଯାଇଥିଲା। ଏହି ଗ୍ରୁପରେ ତାଙ୍କ ଠାରୁ ଅନେକ କାଗଜପତ୍ର ମାଗି ନିଆଯାଇଥିଲା। ଟେଲିଗ୍ରାମ ଆପ୍ଲିକେସନରେ ଆକାଉଣ୍ଟ ଖୋଲିବାକୁ କୁହାଯାଇଥିଲା। ମଧୁସୂଦନ ଆକାଉଣ୍ଟ ମଧ ଖୋଲିଥିଲେ। ଏହା ପରେ ବିଭିନ୍ନ ଭିଡିଓ, ଫଟୋକୁ ଲାଇକ୍ ଏବଂ ସେୟାର କରିବାକୁ କୁହାଯାଇଥିଲା। ଏପରି କାମ କରିବା ଦ୍ୱାରା ପ୍ରାଥମିକ ସ୍ତରରେ ତାଙ୍କୁ କିଛି ଟଙ୍କା ମଧ ମିଳିଥିଲା। ଲୋଭର ବଶବର୍ତ୍ତୀ ହୋଇଥିବା ମଧୁସୂଦନଙ୍କୁ ଅଧିକ ଟଙ୍କା ରୋଜଗାର କରିବାକୁ ହେଲେ ନିଜ ଆଡୁ କିଛି ଟଙ୍କା ନିବେଶ କରିବାକୁ ପଡିବ ବୋଲି କୁହାଯାଇଥିଲା। ସାଇବର ଠକଙ୍କ କଥାରେ ପଡି ସେ ବିଭିନ୍ନ ପର୍ଯ୍ୟାୟରେ ୫ଲକ୍ଷ ୯୨ହଜାର ଟଙ୍କା ବିନିଯୋଗ କରି ଦେଇଥିଲେ। ଏକାଥରକେ ମୋଟା ଅଙ୍କର ଟଙ୍କା ମିଳିବ ବୋଲି ତାଙ୍କୁ ପ୍ରତିଶ୍ରୁତି ମଧ ଦେଇଥିଲେ ସାଇବର ଠକ। କିନ୍ତୁ ଏହା ପରେ ମଧୁସୂଦନଙ୍କ ଟଙ୍କା ଫେରସ୍ତ ହୋଇ ନଥିବା ବେଳେ ତାଙ୍କ ଆକାଉଣ୍ଟ ବ୍ଲକ କରି ଦିଆଯାଇଥିଲା। ସେ ଠକାମିର ଶିକାର ହୋଇଛନ୍ତି ଜାଣିପାରି କଟକ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ସଂକ୍ରାନ୍ତରେ ମାମଲା ରୁଜୁ ହୋଇଥିବା ବେଳେ ସାଇବର ଠକଙ୍କ ଦୁଇଟି ଆକାଉଣ୍ଟରୁ ୧ଲକ୍ଷ ୧୦ହଜାର ଟଙ୍କା ଜବତ ହୋଇଛି ବୋଲି ଥାନା ପକ୍ଷରୁ କୁହାଯାଇଛି।

● ଖାଦ୍ୟ ନିରାପତ୍ତା ମାନକ ଓ ସ୍ୱଚ୍ଛତା ତାଲିମ ଶିବିର

## ୯ ଦିନରେ ତାଲିମ ନେବେ ୪୦୦ ଖାଦ୍ୟ ପ୍ରସ୍ତୁତକାରୀ




**କଟକ,୧୩।୨(ସମିସ):** ଓଡିଶା ସରକାରଙ୍କର ଖାଦ୍ୟ ନିରାପତ୍ତା ଆୟୋଗ, କଟକ ମହାନଗର ନିଗମ (ସିଏମସି) ଓ ଜଗତସିଂହପୁରସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ 'ଉତ୍ସର୍ଗ'ର ମିଳିତ ଆନୁକୂଲ୍ୟରେ ଚୌଧୁରୀବଜାରସ୍ଥିତ ଟାଉନ୍ ହଲରେ ଖାଦ୍ୟ ନିରାପତ୍ତା ମାନକ ଓ ସ୍ୱଚ୍ଛତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସହର ସ୍ୱାସ୍ଥ୍ୟ ଅଧିକାରୀ ଡା.ସତ୍ୟବ୍ରତ ମହାପାତ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଫେବୃଆରୀ ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ୯ଦିନ ବ୍ୟାପି ଚାଲିବ। ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ହୋଟେଲ, ରେଷ୍ଟୁରାଣ୍ଟ, କ୍ୟାଟରିଂ, ରାସ୍ତାକଡ ଖାଦ୍ୟ ବ୍ୟବସାୟୀ ଓ ଖାଦ୍ୟ ପ୍ରସ୍ତୁତକାରୀ ସଂସ୍ଥାର ବ୍ୟକ୍ତିବିଶେଷ ଏହି ତାଲିମ ଶିବିରରେ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ଖାଦ୍ୟ ସୁରକ୍ଷା ମାନକ ଆଇନର କାର୍ଯ୍ୟକାରିତା ଉପରେ ଡା. ମହାପାତ୍ର ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ଖାଦ୍ୟ ନିରାପତ୍ତା ଅଧିକାରୀ ରଶ୍ମିତା ବେହେରା, ନିଗମ ଖାଦ୍ୟ ସୁରକ୍ଷା ସ୍କ୍ୱାର୍ଡ ମୁଖ୍ୟ ଭଗବାନ ଲେଙ୍କା ପ୍ରମୁଖ ଖାଦ୍ୟ ନିରାପତ୍ତା ଓ ନିୟମର ପାଳନ ସଂପର୍କରେ କହିବା ସହ ଉପୁଜୁଥିବା ସୁବିଧା ଓ ଅସୁବିଧା ଉପରେ ପ୍ରଶିକ୍ଷାର୍ଥୀଙ୍କୁ ପଚାରି ବୁଝିଥିଲେ। 'ଫୋଷ୍ଟାକ'ର ସ୍ୱୀକୃତିପ୍ରାପ୍ତ ପ୍ରଶିକ୍ଷକ ମିଥୁନ ଶାହା ଯୋଗଦେଇଥିବା ବ୍ୟବସାୟୀଙ୍କୁ ତାଲିମ ପ୍ରଦାନ କରିଥିଲେ। ବିଶେଷକରି ଖାଦ୍ୟ ପ୍ରସ୍ତୁତ ଓ ପରସିବା ସମୟରେ ସଫା ସୁତୁରା ରହିବା, ଗ୍ଲୋବସ୍ ବ୍ୟବହାର କରିବା, ମୁଣ୍ଡରେ ଟୋପି ପିନ୍ଧିବା, ଡିଟରଜେଣ୍ଟ ପାଉଡର୍‌ରେ ବାସନ ସଫା ନ କରିବା ସଂପର୍କରେ ତାଲିମ ନେଉଥିବା ବ୍ୟକ୍ତିଙ୍କୁ ବୁଝାଇବା ସହ ଏହାକୁ କଡାକଡି ଭାବେ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ଶିବିରରେ ମୋଟ ୪୦୦ ଜଣ ଖାଦ୍ୟ ପ୍ରସ୍ତୁତକାରୀ ଓ ଖାଦ୍ୟ ବ୍ୟବସାୟୀଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ଡା. ମହାପାତ୍ର କହିଛନ୍ତି। 'ଉତ୍ସର୍ଗ' ସଭାପତି ପ୍ରିୟରଂଜନ ପଟ୍ଟନାୟକ କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲା ବେଳେ ସଂପାଦକ ଲକ୍ଷ୍ମୀପ୍ରିୟା ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

## ପତଞ୍ଜଳି ଯୋଗ ପରିବାର ପକ୍ଷରୁ ବୈଦିକ ଯଜ୍ଞ



**କଟକ,୧୩।୨(ସମିସ):** ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ୨୦୦ତମ ଜୟନ୍ତୀ ପାଳନ ଅବସରରେ ପତଞ୍ଜଳୀ ଯୋଗ ପରିବାର ପକ୍ଷରୁ ୧୦୮ କୁଣ୍ଡୀୟ ଯଜ୍ଞ ଦେଉଳ ସାହି ସ୍ଥିତ ରାମଲିଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପ୍ରଭାରୀ ସୁଧାଂଶୁ ଶେଖର ଅଧିକାରୀ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ରାଜ୍ୟ ପ୍ରଭାରୀ ସୁନିଲ ଶର୍ମାଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱୟଂ ପ୍ରକାଶ ମହାପାତ୍ର, ସୂର୍ଯ୍ୟକାନ୍ତ ମହାନ୍ତି, ସୁନନ୍ଦା ରଥ, ସଞ୍ଜୟ କୁମାର ବେହେରା, ଶିଶିର ଜେନା, କିଶୋର ସାଗର, ସତ୍ୟ ରଞ୍ଜନ ଷଡ଼ଙ୍ଗୀ, ସମୀର ନାୟକ, ସ୍ୱରୂପ ସାହୁ, ସବିତା ପରିଡ଼ା, ସି ଏଚ୍ ବସନ୍ତା, ସୁରଭି ରାଉତ, ମମତା ମହାପାତ୍ର, ଡଃ ଜୟନ୍ତୀବାଳା ମହାନ୍ତି, ଗୀତାଞ୍ଜଳି ଶତପଥୀ, ଝୁନା ବେହେରା, ଅନୁପମା ବେହେରା, ଅନାମିକା ହୋତା, ବନ୍ଦିତା ମହାପାତ୍ର, ରାମଚନ୍ଦ୍ର ରାଉତ, ଅଭୟ ରଣା, କବିତା କରଣ, ରୀତା ପୁହାଣ, ଅମୂଲ୍ୟ ମହାନ୍ତି, ମହେନ୍ଦ୍ର ତ୍ରିପାଠୀ, ଗୀତାଞ୍ଜଳି ପରିଡ଼ା, ରଶ୍ମିତା ଦଳେଇ, କୁରେଶ ପାତ୍ର, ଆଶିଷ ହାଲଦାର, ଭରତ ଶର୍ମା ଓ ସନ୍ତୋଷ ରାୟ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସଂକଳ୍ପ ଓ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।

## ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏସ୍‌ସିବି ପ୍ରଥମ




**କଟକ,୧୩।୨(ସମିସ):** ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା କ୍ଷେତ୍ରରେ ଏସ୍‌ସିବି ମେଡିକାଲର ସ୍ଥାନ ରାଜ୍ୟରେ ପ୍ରଥମ। ରାଜ୍ୟ ସରକାରଙ୍କ ୫ଟି ଉପକ୍ରମ ଅଧୀନରେ ଏଠାରେ ରୋଗୀଙ୍କୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଛରେ ପକାଇ କଟକର ବଡ ମେଡିକାଲ ୧ନଂ ଭାବେ ପରିଗଣିତ ହୋଇଛି। ଏଥି ନିମନ୍ତେ ଭୁବନେଶ୍ୱର ଲୋକସେବା ଭବନରେ ମଙ୍ଗଳବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସ୍‌ସିବି ମେଡିକାଲକୁ ସମ୍ମାନିତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ମାନ ପ୍ରଦାନ କରିଥିଲେ। ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର, ଅଧ୍ୟକ୍ଷ ପ୍ରଫେସର ଡା. ପ୍ରସେନଜିତ ମହାନ୍ତି ଏବଂ ପ୍ରଶାସନିକ ଅଧିକାରୀ ଡଃ ଅବିନାଶ ରାଉତ ଉପସ୍ଥିତ ରହି ଏହି ସମ୍ମାନ ଗ୍ରହଣ କରିଥିଲେ।



## ୩ନଂ ୱାର୍ଡରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**କଟକ,୧୩।୨(ସମିସ):** କଟକ ମହାନଗର ନିଗମ ୩ ନମ୍ବର ୱାର୍ଡ ସିଡିଏ ଅଞ୍ଚଳର ବ୍ରଜବିହାରପୁରରେ 'ଆମ ଓଡ଼ିଶା ନବୀନ ଓଡିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୩ନଂ ୱାର୍ଡ କର୍ପୋରେଟର ପ୍ରଦୀପ ରାଉତ ମୁଖ୍ୟଅତିଥି ରୂପେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ସମ୍ମାନୀତ ଅତିଥି ରୂପେ ସମାଜସେବୀ ବିନୋଦ ପଣ୍ଡା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହି ସଭାପତି ପ୍ରଶାନ୍ତ ବେହେରା, ସମ୍ପାଦକ ଲିପୁନ ବରାଳ, ଦୁର୍ବଳ ମନ୍ତ୍ରୀ, ଆରତୀ ମହାପାତ୍ର, ଚନ୍ଦ୍ରଶେଖର ବେହେରା ଯୋଗଦେଇଥିଲେ। ଆୟୋଜିତ ଚିତ୍ରାଙ୍କନ, ସାଧାରଣଜ୍ଞାନ, ନୃତ୍ୟ ଆଦି ପ୍ରତିଯୋଗିତାରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରଯାଇଥିଲା

## ମାର୍ଚ୍ଚ ୫ରେ କଟକରେ ମିନି ମାରାଥନ୍ ଓ ୱାକାଥନ୍

**କଟକ,୧୩।୨(ସମିସ):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମଦିବସ ଅବସରରେ ଏକ ମିନି ମାରାଥନ ଓ ୱାକାଥନ ପ୍ରତିଯୋଗିତା ଆସନ୍ତା ମାର୍ଚ୍ଚ ୫ ତାରିଖରେ ଅନୁଷ୍ଠିତ ହେବ। କେବଳ ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ମିନି ମାରାଥନ ଆୟୋଜିତ ହେବ। ମାର୍ଚ୍ଚ ୫ ତାରିଖ ସକାଳ ୭ଟାରେ ଏହା ତୁଳସୀପୁରସ୍ଥିତ ବିଜୁ ପଟ୍ଟନାୟକ ଛକଠାରୁ ଆରମ୍ଭ ହେବ। ପ୍ରତିଯୋଗିତା ଶେଷରେ ତୁଳସୀପୁରସ୍ଥିତ ଶାରଳା ଭବନରେ ବିଜେତାମାନଙ୍କୁ ପୁରସ୍କୃତ କରାଯିବ। ଉଭୟ ବାଳକ ଓ ବାଳିକା ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରାଯିବ। ସେହିପରି ତୁଳସୀପୁର ବିଜୁ ପଟ୍ଟନାୟକ ଛକରୁ ବରିଷ୍ଠ ନାଗରିକଙ୍କ ମଧ୍ୟରେ ୱାକାଥନ ପ୍ରତିଯୋଗିତା ଆରମ୍ଭ ହେବ। କଟକ ଭେଟେରାନ ସ୍ପୋର୍ଟ୍ସ ପର୍ସନ ସଂଘ ଆନୁକୂଲ୍ୟରେ ଏ ସମସ୍ତ ପ୍ରତିଯୋଗିତା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ସଂଘର ସଭାପତି ଚିତ୍ତରଞ୍ଜନ ଜେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀ ଓ ୱାକର୍ସ କ୍ଲବ୍‌ର ପ୍ରତିନିଧିମାନେ ଯୋଗଦେଇଥିଲେ। ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ସମସ୍ତ ସୂଚନା ପ୍ରଦାନ କରିଥିଲେ। ଏଥିରେ ଭାଗ ନେବାକୁ ଆଗ୍ରହୀ ପ୍ରତିଯୋଗୀମାନେ ଫେବୃଆରୀ ୧୭ ତାରିଖ ସୁଦ୍ଧା ସେମାନଙ୍କ ନାମ ପଞ୍ଜିକରଣ କରିନେବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ବିଦ୍ୟାଳୟର ଖେଳ ଶିକ୍ଷକମାନେ ପଞ୍ଜିକୃତ ଛାତ୍ରଛାତ୍ରୀଙ୍କ ନାମ ସଂଘକୁ ଜଣାଇବେ ବୋଲି ବୈଠକରେ ସ୍ଥିର କରାଯାଇଛି।

## ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଲେ ଶିବରାଜ

**କଟକ,୧୩।୨(ସମିସ):** ସାରଳା ମଣ୍ଡପରେ କଟକ ଲୋକସଭାର କୋର କମିଟି ତଥା ସଞ୍ଚାଳନ ସମିତିର କାର୍ଯ୍ୟକର୍ତ୍ତାଙ୍କ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଜେପିର ରାଷ୍ଟ୍ରୀୟ ନେତା ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ଆଗାମୀ ନିର୍ବାଚନ ପାଇଁ ଗୁରୁମନ୍ତ୍ର ଦେଇଥିଲେ ଏଥି ସହ କେନ୍ଦ୍ରସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ମାନସ ମହାନ୍ତି, ଯତୀନ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମୃତ୍ୟୁଞ୍ଜୟ ଜେନା, ପ୍ରତାପ ମିଶ୍ର ଓ ସୁକାନ୍ତ ବିଶ୍ୱାଳ, ଲଲାଟେନ୍ଦୁ ବଡୁ, ପ୍ରକାଶ ବେହେରା, କିଶୋର ପଣ୍ଡା, ଗୌତମ ରାୟ, ନୟନ କିଶୋର ମହାନ୍ତି, ଦିଲ୍ଲୀପ ମଲ୍ଲିକ, ବ୍ରଜେନ୍ଦ୍ର ରାୟ, ବିଜୟ ଦଳ ବେହେରା, ଅର୍ଚ୍ଚନା ଦାସ, ଶୁଭ୍ରାଂଶୁ ପାଢ଼ୀ, ସୁନାକର ବେହେରା ପ୍ରମୁଖଙ୍କ ସହିତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପରେ ଶ୍ରୀ ଚୌହ୍ୱାନ ଗଡ଼ଗଡିଆ ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ ଏବଂ ମନ୍ଦିର କମିଟିର ସଭାପତି ରବି ନାରାୟଣ ସିଂଙ୍କ ସହ ଆଲୋଚନା କରିଥିଲେ। ବୈଠକ ପରେ କଟକର ଆରାଧ୍ୟା ଦେବୀ କଟକ ଚଣ୍ଡୀଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ।

# କଳିଙ୍ଗ ମାରିଟାଇମ୍ ଏକ୍ସପୋ ଉଦ୍‌ଯାପିତ

### ମନୋରଞ୍ଜନ ସାଙ୍ଗକୁ ବ୍ୟବସାୟିକ ଶିକ୍ଷା



ଉପର ବାଲିଯାତ୍ରା ପଡ଼ିଆରେ ୫ ଦିନ ଧରି ଚାଲିଥିବା କଳିଙ୍ଗ ମାରିଟାଇମ ଏକ୍ସପୋ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ମୁକ୍ତାକାଶ ବାଣିଜ୍ୟ ମେଳା କେବଳ ଯେ ମନୋରଞ୍ଜନ ଯୋଗାଇଛି ତାହା ନୁହେଁ, ଅନେକ ନୂତନ ଉଦ୍ୟୋଗପତି ଏଠାରୁ ବ୍ୟବସାୟର ଶିକ୍ଷା ଲାଭ ମଧ କରିଛନ୍ତି। କେନ୍ଦ୍ର ଏବଂ ଓଡ଼ିଶା ସରକାରଙ୍କ ଏମ୍ଏସ୍ଏମଇ ବିଭାଗ, ଓଡ଼ିଶା ଇଣ୍ଡଷ୍ଟ୍ରିଜ ଆସୋସିଏସନ, ନାଭି ଫାଉଣ୍ଡେସନ ଓଡ଼ିଶା ଚାପ୍ଟର ଏବଂ ଇଡକୋର ମିଳିତ ସହଯୋଗରେ ଏହି ମେଳାର ଆୟୋଜନ କରାଯାଇଥିଲା। ଯେଉଁଥିରେ ୬୦୦ରୁ ଅଧିକ ବ୍ୟବସାୟୀ ସାମିଲ ହୋଇଥିଲେ। ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ଖ୍ୟାତନାମା ଉଦ୍ୟୋଗପତି କାର୍ଯ୍ୟକ୍ରମ ଗୁଡିକରେ ସାମିଲ ହୋଇ ଷ୍ଟାର୍ଟ-ଅପର ନୂତନ ଦିଗ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ପ୍ରଥମଥର ନିମନ୍ତେ କଟକରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅନେକ ଯୁବ ଉଦ୍ୟୋଗପତିଙ୍କୁ ନିହାତିରୂପେ ଉତ୍ସାହିତ କରିଛି....

### ଝଲସୁଛି କୋଲକାତା ଚୁଡ଼ି



ଯାତ୍ରା ପଡିଆରେ ଝଲସୁଛି କୋଲକାତା ବଡବଜାର ଅଞ୍ଚଳରୁ ଆସିଥିବା ରଙ୍ଗବେରଙ୍ଗର ଚୁଡ଼ି। ମହିଳାମାନେ ଏଠାରୁ ବିଭିନ୍ନ କସମେଟିକ୍ ଚୁଡ଼ି କିଣିବା ନିମନ୍ତେ ଭିଡ଼ ଜମାଉଛନ୍ତି। ବିଶେଷଃ କରି କଟକ ବଜାରରେ କୋଲକାତା ଚୁଡ଼ିର ଡିମାଣ୍ଡ ରହିଥାଏ। କଳିଙ୍ଗ ଏକ୍ସକୋରେ ଏହି ଷ୍ଟଲ୍ ସର୍ବାଧିକ ବ୍ୟବସାୟ କରୁଥିବା ଜଣାପଡ଼ିଛି। ଷ୍ଟଲ୍ ମାଲିକ ସୋରାଜ୍ ଅଗ୍ରୱାଲ୍ ୧୦୦ଟଙ୍କାରୁ ଆରମ୍ଭ କରି ଦେଢ଼ ହଜାର ଟଙ୍କା ପର୍ଯ୍ୟନ୍ତ ସାମଗ୍ରୀ ଆଣିଛନ୍ତି। ପାଣିକାଚ ସହିତ ପ୍ଲାଷ୍ଟିକ୍ କାଚ ଓ ଶଙ୍ଖା ଏଠାରେ ଉପଲବ୍ଧ ହେଉଛି।

### ଗୋବରରୁ ପ୍ରସ୍ତୁତ ସାମଗ୍ରୀର ଚାହିଦା

ଗୋମୂତ୍ର କିଣିବାକୁ ଲୋକମାନେ ଧାଡି ଲଗାଉଛନ୍ତି। ଏଥି ସହିତ ଦେଶୀ ଗୁଆଘିଅ କିଣିବାକୁ ମେଳା ପଡ଼ିଆରେ ଦର୍ଶକ ଭିଡ଼ ଜମାଉଛନ୍ତି। ଔଷଧୀୟ ଗୁଣ ଥିବା ସ୍ୱତନ୍ତ୍ର ଗୁଆଘିଅ' ଚାହିଦା ଏହି କଳିଙ୍ଗ ଏକ୍ସପୋ ରହିଛି। ୧୦ଟଙ୍କାରୁ ଆରମ୍ଭ କରି ୨ହଜାର ଟଙ୍କା ପର୍ଯ୍ୟନ୍ତ ବଭିନ୍ନ ସାମଗ୍ରୀ ଏହି ଷ୍ଟଲ୍‌ରେ ବିକ୍ରି କରାଯାଉଛି। ସନ୍ତୋଷ ଅଗ୍ରୱାଲ୍ ଗୋମୂତ୍ର ଭଳି ଏକାଧିକ ଔଷଧୀୟ ସାମଗ୍ରୀ ବେପାର କରୁଛନ୍ତି। ଏ ସମ୍ପର୍କରେ ସନ୍ତୋଷଙ୍କୁ ପଚାରିବାରୁ ସେ କହିଛନ୍ତି, ବ୍ୟବସାୟ କରିବାକୁ ଅନେକ ବ୍ୟବସାୟୀ ଆଗେଇ ଆସନ୍ତି। କିନ୍ତୁ ଗ୍ରାହକଙ୍କ ସ୍ୱାସ୍ଥ୍ୟରକ୍ଷା ଓ ରୋଗଦୂର କରିବା ନିମେନ୍ତ ବିଭିନ୍ନ ସାଗ୍ରୀ ବିକ୍ରୟ କରିବାରେ ଆତ୍ମତୃପ୍ତି ଲାଭ ହୁଏ। ୪ଦିନରେ ଏଠାରେ ଭଲ ବ୍ୟବସାୟ ହୋଇଥିବା ସେ କହିଛନ୍ତି।






# ଆଠଗଡ଼ ଚାଷ ଜମିରେ ରେଙ୍ଗାଲି କେନାଲ ପାଣି

● ଆଭାସୀ ଜରିଆରେ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଆଠଗଡ଼, ୧୩।୨(ସମିସ): ଅନେକ ବର୍ଷ ଧରି ବହୁ ପ୍ରତିକ୍ଷିତ ରେଙ୍ଗାଲି କେନାଲର ପାଣି ଆଠଗଡ଼ ଚାଷ ଜମିରେ ପହଞ୍ଚିଛି। ପ୍ରଥମ ପର୍ଯ୍ୟାୟରେ ଏହି ପ୍ରକଳ୍ପ ଦ୍ୱାରା ୬୦୦୦ ହେକ୍ଟର ଚାଷଜମିକୁ ଜଳସେଚିତ କରାଯାଇପାରିବ ବୋଲି କୁହାଯାଇଛି। ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ଶଙ୍କରପୁର ଠାରେ ରେଙ୍ଗାଲି ଦକ୍ଷିଣ କେନାଲ ଜଳସେଚନ ପ୍ରକଳ୍ପର ଦର୍ପଣୀ ଏବଂ ନରସିଂହପୁର ଶାଖା କେନାଲରେ ଆଠଗଡ଼କୁ ରେଙ୍ଗାଲି କେନାଲ ପାଣି ଆସିବାକୁ ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଆଠଗଡ଼ ବ୍ଲକର ୩୯ଟି, ଗାଁ ତିଗିରିଆ ବ୍ଲକର ୧୨ଟି ଗାଁ ଏବଂ ଢେଙ୍କାନାଳ ସଦର ବ୍ଲକର ୧୮ଟି ଗାଁର ଚାଷୀମାନେ ଉପକୃତ ହୋଇପାରିବେ ବୋଲି କୁହାଯାଉଛି। ଏହି କାର୍ଯ୍ୟକ୍ରମରେ ଆଠଗଡ଼ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଢେଙ୍କାନାଳ ସଦର ବିଧାୟକ ସୁଧୀର ସାମଲ, କଟକ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଢେଙ୍କାନାଳ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ, ରେଙ୍ଗାଲି ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ପ୍ରଧାନ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଉଦୟନାଥ ସାହୁ, ଅଧୀକ୍ଷଣ ଯନ୍ତ୍ରୀ ଜ୍ଞାନ ରଞ୍ଜନ ନାୟକ, ସତ୍ୟପ୍ରିୟ ବେହେରା, ଆଠଗଡ଼ ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ, ଆଠଗଡ଼ ବ୍ଲକ ଅଧ୍ୟକ୍ଷା ମିନତୀ ଆଚାର୍ଯ୍ୟ, ତିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକଙ୍କ ସହିତ ଅନ୍ୟାନ୍ୟ ଲୋକ ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ।

# ସାଲେପୁର ଅଞ୍ଚଳକୁ ଏନ୍ଏସି ମାନ୍ୟତା ଦାବି

ସାଲେପୁର, ୧୩।୨(ସମିସ): ସବୁ କ୍ଷେତ୍ରରେ ସାଲେପୁର ଅଞ୍ଚଳ ଏକ ବିକଶିତ ଅଞ୍ଚଳ ହୋଇଥିବାବେଳେ ଅଦ୍ୟାବଧି ସାଲେପୁର ଅଞ୍ଚଳକୁ ଏନ୍ଏସି ମାନ୍ୟତା ପ୍ରଦାନ କରାଯାଇନାହିଁ। ଫଳରେ ସାଲେପୁର ଅଞ୍ଚଳବାସୀ ଏନ୍ଏସିର କୌଣସି ସୁବିଧା ପାଇପାରୁନାହାଁନ୍ତି। ସାଲେପୁର ଅଞ୍ଚଳକୁ ତୁରନ୍ତ ଏନ୍ଏସି ମାନ୍ୟତା ପ୍ରଦାନ ଦାବି ନେଇ ଆଜି ଟାଙ୍ଗୀ ସାଲେପୁର ବିକାଶ ମଞ୍ଚ ପକ୍ଷରୁ ବିକାଶ ମଞ୍ଚର ଅଧ୍ୟକ୍ଷ ବିଶେଶ୍ୱର ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସାଲେପୁର ଅତିରିକ୍ତ ତହସିଲଦାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଜି ମଧ୍ୟାହ୍ନରେ ଟାଙ୍ଗୀ ସାଲେପୁର ବିକାଶ ମଞ୍ଚର ବହୁ ସଦସ୍ୟ ଏକ ଶୋଭାଯାତ୍ରାରେ ବାହାରି ସାଲେପୁର ତହସିଲଦାରଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ତହସିଲଦାର ଶିଶିର କୁମାର ରାଉତଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜୀବନାନନ୍ଦ ସାହୁ, ସଚ୍ଚିଦାନନ୍ଦ ସ୍ୱାଇଁ, ଚତୁର୍ଭୁଜ ପ୍ରଧାନ, ସେକ୍ ହାସିମ୍, ବିଜୟ ସେଠୀ, ମାନା ଖାଁ, ମନୋଜ ଜେନା, ସନ୍ତୋଷ ସାହୁ, ସେକ୍ ଅବଦୁଲ, ସେକ୍ ଜାହାଙ୍ଗିର, ସନ୍ତୋଷ ମହାପାତ୍ର, ଅଭିରାମ ଜେନା, ଅନାମ ଦଲେଇ, ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

୨ ଆନ୍ତଃଜିଲ୍ଲା ଲୁଟେରା ଗିରଫ

# ବନ୍ଧୁକ, ବାଇକ୍ ଓ ୫ ଅଫୁଟା ଗୁଳି ଜବତ

ସାଲେପୁର, ୧୩।୨(ସମିସ):

ସାଲେପୁର ପୁଲିସ ୨ ଆନ୍ତଃଜିଲ୍ଲା ଲୁଟେରାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ନଗଦ ଟଙ୍କା, ଦେଶୀ ବନ୍ଧୁକ ଏବଂ ୫ ଜୀବନ୍ତ ଗୁଳି ଜବତ କରିଛି। ସମ୍ପୃକ୍ତ ଲୁଟେରାଙ୍କ ନାମରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ୨୦ରୁ ଊର୍ଦ୍ଧ୍ୱ ଲୁଟ୍ ମାମଲା ଥିବା ସାଲେପୁର ଥାନା ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି କୃଷ୍ଣପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଗତକାଲି ମଧ୍ୟାହ୍ନରେ କଟକ ସାଲେପୁର ରାସ୍ତା ଦେଇ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଅଞ୍ଚଳର ବ୍ୟବସାୟୀ ବିଭୁତିଭୂଷଣ ମହାନ୍ତି ଏକ ମହିନ୍ଦ୍ରା ମାକ୍ସି ଟ୍ରକ୍ ଯୋଗେ ଡ୍ରାଇଭର ସନ୍ତୋଷ କୁମାର ପାତ୍ରଙ୍କ ସହ କଟକ ମାଲଗୋଦାମକୁ ସଉଦା ଆଣିବାକୁ ଯାଉଥିବାବେଳେ ସାଲେପୁର ଥାନା ନାଦୋଳ ଗଡ଼ା ନିକଟରେ ତାଙ୍କ ପିଛା କରିଆସୁଥିବା ୪ଜଣ ଲୁଟେରା ଦୁଇଟି ବାଇକ୍‌ରେ ଆସି ତାଙ୍କ ଆଗରେ ବାଟ ଓଗାଳି ଗାଡ଼ିକୁ ରୋକିଥିଲେ। ଅନ୍ୟ ଏକ ମୋଟର ସାଇକଲରେ ଆସୁଥିବା ୨ଜଣ ଲୁଟେରା ମହିନ୍ଦ୍ରା ଗାଡ଼ିରୁ ଚାବି ନେଇ ବିଭୁତିଭୂଷଣଙ୍କୁ ଟଙ୍କା ମାଗିଥିଲେ। ସେ ଟଙ୍କା ନ ଦେବାରୁ ଗାଡ଼ି ଉପରକୁ ଫାଇରିଂ କରିଥିଲେ। ଏଥିରେ ଭୟଭୀତ ହୋଇ ପାଖରେ ଥିବା ଟଙ୍କା ବିଭୁତିଭୂଷଣ ଲୁଟେରାମାନଙ୍କୁ ଦେଇଦେଇଥିଲେ। ୨ଜଣ ଲୁଟେରା କଟକ ଅଭିମୁଖେ ପଳାଇ ଯାଇଥିବାବେଳେ ଅନ୍ୟ ଦୁଇଜଣ କେନ୍ଦ୍ରାପଡ଼ା କେନାଲ ବନ୍ଧ ଦେଇ ନିଶ୍ଚିନ୍ତକୋଇଲି ଅଭିମୁଖେ ଦ୍ରୁତ ଗତିରେ ପଳାଇ ଯାଉଥିଲେ। ଏହା ମଧ୍ୟରେ ବିଭୁତିଭୂଷଣ ୧୧୨କୁ ଫୋନ୍ କରି ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଗତକାଲି ନିଶ୍ଚିନ୍ତକୋଇଲି ବ୍ଲକରେ ଏକ ଜନଶୁଣାଣି ଶିବିରରେ ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା ଉପସ୍ଥିତ ଥିବାରୁ ଖବରପାଇ ଘଟଣାସ୍ଥଳରେ ତତ୍କାଳ ପହଞ୍ଚିବା ସହ ତାଙ୍କ ନିର୍ଦ୍ଦେଶରେ ସାଲେପୁର, ନିଶ୍ଚିନ୍ତକୋଇଲି ଓ ନେମାଳ ପୁଲିସକୁ ଏ ସମ୍ପର୍କରେ ସୂଚନା ଦିଆଯାଇଥିଲା। ପୁଲିସ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରି ଗାଡ଼ି ଯାଞ୍ଚ କରିଥିଲେ। ପୁଲିସ ଆଗରେ ଚେକିଂ କରୁଥିବା ଦେଖି ଆସାମୀମାନେ ଭୟରେ କୋଲଣପୁର ଗ୍ରାମ ନିକଟରେ କେନ୍ଦ୍ରାପଡ଼ା କେନାଲ ବନ୍ଧରେ ମୋଟର ସାଇକଲ୍ ଫିଙ୍ଗି ନଦୀ ପଠାକୁ ଦୌଡ଼ି ପଳାଉଥିବାବେଳେ ସ୍ଥାନୀୟ ଲୋକେ ଓ ସାଲେପୁର ପୁଲିସ ଉଭୟଙ୍କୁ କାବୁ କରିଥିଲେ। ଉଭୟ ଲୁଟେରା ଜଗତ୍‌ସିଂହପୁର ଜିଲ୍ଲା ବାଲିକୁଦା ଥାନା ଅଞ୍ଚଳ ଆଳିକଣା ଗ୍ରାମର ସାଗର ମଲ୍ଲିକ (୨୮), କୋଳଦା ଗ୍ରାମର ସତ୍ୟବ୍ରତ ମଲ୍ଲିକ(୨୧)ଙ୍କୁ ପୁଲିସ ଗିରଫ କରି ଏହି ଲୁଟ୍‌ତରାଜ ଘଟଣାରେ ବ୍ୟବହାର କରିଥିବା ଦେଶୀ ବନ୍ଧୁକ, ଜୀବନ୍ତ ଗୁଳି, ଗୋଟିଏ ଖୋକା, ମୋଟର ସାଇକଲ୍ ଓ ଟଙ୍କାକୁ ମଧ୍ୟ ଜବତ କରିଥିବା ଜଣାଯାଇଛି। ପ୍ରକାଶ ଥାଉକି ସାଗର ମଲ୍ଲିକ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ପ୍ରାୟ ୧୯ରୁ ଊର୍ଦ୍ଧ୍ୱ ଲୁଟ୍ ମାମଲା ରୁଜୁ ଥିବାବେଳେ ସତ୍ୟବ୍ରତ ନାମରେ ମଧ୍ୟ ୩ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଉଭୟ ଆସାମୀଙ୍କ ବିରୋଧରେ କେସ୍ ନଂ-୭୬/୨୦୨୪ରେ ମାମଲା ରୁଜୁ କରି ଗିରଫ କରାଯିବା ସହ ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ଅତିରିକ୍ତ ଏସ୍‌ପି କୃଷ୍ଣପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। ସାଲେପୁର ଆଦର୍ଶ ଥାନା ପରିସରରେ ଆଜି ଅପରାହ୍ନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସାଲେପୁର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ସାଲେପୁର ଆଦର୍ଶ ଥାନା ଅଧିକାରୀ ମନୋଜ ସ୍ୱାଇଁ, ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଯୁଗଳ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



# ଉତ୍କୃଷ୍ଟ ମାନର ମୁଗ ବିହନ ବଣ୍ଟନ

ଫୁଲନଖରା, ୧୩।୨(ସମିସ): କଟକ ସଦର ବ୍ଲକ ଅନ୍ତର୍ଗତ ଆମଣ ଗ୍ରାମପଞ୍ଚାୟତରେ ଓଡ଼ିଶା ସରକାରଙ୍କ କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଉତ୍କୃଷ୍ଟ କିସମର ମୁଗ ବିହନ ଚାଷୀଙ୍କୁ ସ୍ଥାନୀୟ ସରପଞ୍ଚ ମାନସୀ ପୃଷ୍ଟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଣ୍ଟନ କରାଯାଇଥିଲା। ଜାତୀୟ ବିହନ ନିଗମ ଲିଃ ଦ୍ୱାରା ଉତ୍କୃଷ୍ଟ ମାନର 'ଶିଖା' କିସମ ମୁଗ ବିହନ ଓ ସାର ଓ କୀଟନାଶକ ଔଷଦ ପଞ୍ଚାୟତର ପ୍ରାୟ ୨୨୩ଜଣ ଚାଷୀଙ୍କୁ ଦିଆଯାଇଥିଲା। ବିଶେଷ କରି ଡାଲି ଜାତୀୟ ଫସଲର ବୃଦ୍ଧି ଓ ଧାନ କଟା ପରେ ବିଲରେ ଜଳ ପ୍ରବାହକୁ ନିରବଚ୍ଛିନ୍ନ ରଖିବାରେ ସହାୟକ ହେବ ବୋଲି ଏନ୍‌ଜିଓ ଅଧିକାରୀ ଅପର୍ଣ୍ଣା ପାଲ ଓ ଭିଏଲ୍‌ଡବ୍ଲ୍ୟୁ ଶ୍ରୀନିବାସ ଦାସ ସୂଚନା ପ୍ରଦାନ କରିଥିଲେ। ଚାଷୀମାନଙ୍କୁ ଏକର ପିଛା ୮ କିଲୋଗ୍ରାମ ବିହନ ସହିତ ଚାଷ ସମ୍ବନ୍ଧୀୟ ସମସ୍ତ ତଥ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସମିତିସଭ୍ୟ ରାଜ କିଶୋର ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଶିବ ପୃଷ୍ଟି, ଲକ୍ଷ୍ମୀଧର ସାହୁ, ବ୍ରଜବନ୍ଧୁ ରାଉତରାୟ ଓ ପର୍ଶୁରାମ ସେନାପତି ପ୍ରମୁଖ ପରିଚାଳନା କରିଥିଲେ।




# ବିଭିନ୍ନ ସ୍ଥାନରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



ଉମର ଓ ଓଖଙ୍ଗ ପଞ୍ଚାୟତ



ଭିରୁଡା ପଞ୍ଚାୟତ



ଟାଙ୍ଗୀ-ଚୌଦ୍ୱାର ବ୍ଲକର ୧୩ଟି ପଞ୍ଚାୟତ

ମାହାଙ୍ଗା, ୧୩।୨(ସମିସ): ମାହାଙ୍ଗା ବ୍ଲକ ଉମର ଓ ଓଖଙ୍ଗ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉମର ଠାରେ ପୂର୍ବତନ ସରପଞ୍ଚ ଚିତ୍ତ ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ବିଜୁ କଲ୍ୟାଣ ମଣ୍ଡପ, ମହିଳା ମିଶନ ଶକ୍ତି ଗୃହକୁ ଉଦ୍‌ଘାଟନ କରିବା ସହ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏଥିରେ ବ୍ଲକ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ସରପଞ୍ଚ ଶାଶ୍ୱତ ରଞ୍ଜନ ଦାସ, ସମିତିସଭ୍ୟ କିଶୋର ଚନ୍ଦ୍ର ଦାସ, ଦେବରଞ୍ଜନ ମହାନ୍ତି, ଅଜୟ ସାମଲ, ଜଗନ୍ନାଥ ପ୍ରଧାନ, ଅକ୍ଷୟ ଷଡ଼ଙ୍ଗୀ, ନିରଞ୍ଜନ ପ୍ରଧାନ, ରାୟଗୁରୁ ଶରତ ଚନ୍ଦ୍ର ମହାପାତ୍ର, ଫେଡେରେସନ ସଭାନେତ୍ରୀ ସସ୍ମିତା ମହାନ୍ତି, ପିଇଓ ନିହାର ରଞ୍ଜନ ମହାନ୍ତି, ରାୟଗୁରୁ ମାନସ ମହାପାତ୍ର ପ୍ରମୁଖ ଯୋଗଦେଇ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ସେହିପରି ଓଖଙ୍ଗ ପଞ୍ଚାୟତରେ ଆମ୍ବା ଅଧ୍ୟକ୍ଷ ଭଗବାନ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବିଧାୟକ ଶ୍ରୀ ଜେନା ଯୋଗଦେଇ ପଞ୍ଚାୟତରେ ହେଉଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏଥିରେ ଅତିଥିଭାବେ ବିଡିଓ ଅମୀୟ ପଣ୍ଡା, ପିଇଓ ନିହାର ରଞ୍ଜନ ସ୍ୱାଇଁ, ସରପଞ୍ଚ ନିହାରିକା ବିଶ୍ୱାଳ, ସମିତିସଭ୍ୟା କାନନବାଳା ମହାନ୍ତି, ସମାଜସେବୀ ରବୀନ୍ଦ୍ର ମହାନ୍ତି, ଧିରେନ୍ଦ୍ର ବିଶ୍ୱାଳଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ।

**ତିଗିରିଆ :** ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଅନୁଷ୍ଠିତ ହୋଇଯାଇଛି। ନୂଆପାଟଣା ଗ୍ରାମ ପଞ୍ଚାୟତ ସରପଞ୍ଚ ସୋମନାଥ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପ୍ରଫେସର ନାରାୟଣ ପଣ୍ଡା ଯୋଗଦେଇଥିବାବେଳେ ସମ୍ମାନୀତ ଅତିଥି ରୂପେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ତଥା ସେରିଫେଡର ଅଧ୍ୟକ୍ଷ ଭାଗିରଥି ନନ୍ଦ, ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷ ମାନସ ସାହୁ, ବ୍ଲକ କନିଷ୍ଠଯନ୍ତ୍ରୀ ଅଶୋକ ନନ୍ଦ, ନୂଆପାଟଣା ପଞ୍ଚାୟତ ବିଜେଡି ସଭାପତି ଧ୍ରୁବଚରଣ ଦାସ, ସାମାଜିକ କର୍ମୀ ମହେନ୍ଦ୍ର କୁଣ୍ଡୁ, ନାଏବ ସରପଞ୍ଚ ପ୍ରତିନିଧି ସ୍ୱାଧୀନ ଗୁଇଁ, ଜିଆରଏସ ପ୍ରତିଭା ପାତ୍ର ପ୍ରମୁଖ ଯୋଗଦେଇଥିଲେ।

**ତିଗିରିଆ :** ତିଗିରିଆ ବ୍ଲକ ଅନ୍ତର୍ଗତ ଭିରୁଡା ପଞ୍ଚାୟତରେ ସରପଞ୍ଚ ବେଣୁଧର ସାହୁଙ୍କ ପୌରୋହିତ୍ୟରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସେରିଫେଡର ଅଧ୍ୟକ୍ଷ ଭାଗିରଥି ନନ୍ଦ, ସମିତିସଭ୍ୟ ଧନେଶ୍ୱର ରଣା, ଜିଲ୍ଲା ବିଜେଡି ଉପସଭାପତି ନୃସିଂହ ଚରଣ ମହାପାତ୍ର, ସମବାୟବିତ୍ ଲଳିତେନ୍ଦୁ ସେନାପତି, ପୂର୍ବତନ ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ, ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ମାହାଳିକ, ଭିରୁଡା ସେବା ସମବାୟ ସମିତି ସଭାପତି ଜ୍ଞାନରଞ୍ଜନ ଘଡେଇ, ସରପଞ୍ଚ ପ୍ରଭାକର ବେହେରା, ସମାଜସେବୀ ଲକ୍ଷ୍ମୀଧର ମହାରଣା, ନୋଡାଲ ଅଫିସର ସୀତାଂଶୁ ସାମଲ, ବ୍ୟାଙ୍କ ମିତ୍ର ପ୍ରଦୀପ ମିଶ୍ର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଂକ୍ରାନ୍ତରେ ଅବଗତ କରାଇଥିଲେ।

**ନରସିଂହପୁର :** ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ନିମସାହି, କୋକଳବା, ବନ୍ଧହୁଡ଼ା ପଞ୍ଚାୟତରେ ଯୋଗଦେଇ ଜନସାଧାରଣଙ୍କୁ ନବୀନ ସରକାରଙ୍କ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ ସଫଳତା ଉପରେ ଆଲୋକପାତ କରିଥିଲେ। କୋକାଳବାରେ ବ୍ଲକ ଅଧ୍ୟକ୍ଷାଙ୍କ ସହ ଯୁବନେତା ନିର୍ମଳ ଜେନା, ସରପଞ୍ଚ ତୃପ୍ତିମୟୀ ରଥ, ସମିତିସଭ୍ୟା ସସ୍ମିତା ସାସନି ବକ୍ତବ୍ୟ ରଖିଥିଲେ। ନିମସାହିରେ ବ୍ଲକ ଉପାଧ୍ୟକ୍ଷ ନାରଣ ନାୟକ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ଏବଂ ଜିଲ୍ଲା ପରିଷଦ ସଭ୍ୟା ଗୀତାଞ୍ଜଳି ପାତ୍ର, ସରପଞ୍ଚ ପ୍ରଭଞ୍ଜନ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ପରିଷଦ ସଭାପତି କିଶୋର ମିଶ୍ର ଉପସ୍ଥିତ ଥିଲେ। ବନ୍ଧହୁଡ଼ା ଠାରେ ସମାଜସେବୀ ପ୍ରମୋଦ ସାହୁ ଓ ମହେଶ୍ୱର ସାହୁ କୁଲତା ସମାଜର ସଭାପତି ଭାଗିରଥି ସାହୁ, ପୂର୍ବତନ ସଭାପତି କୁଳମଣି ସାହୁ, ବର୍ତ୍ତମାନର ସଭାପତି ଦଣ୍ଡଧର ସାହୁ ପ୍ରମୁଖଙ୍କ ପରିଚାଳନାରେ ଆମ ଓଡ଼ିଶା ନବୀନ ଓଡ଼ିଶାର ସଚେତନତାର କାର୍ଯ୍ୟକ୍ରମରେ ବିଧାୟକ ସମ୍ବୋଧିତ କରିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ ସଭାପତି ଯୋଗଦେଇଥିଲେ।

**ନିଶ୍ଚିନ୍ତକୋଇଲି :** ବାବୁଜଙ୍ଗ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ଯୋଗଦେଇ ପ୍ରଥମେ ତାରପୁର ବାଇପାସ ଠାରୁ ଭାୟା ଚାରିରକବା ବାବୁଜଙ୍ଗ ପର୍ଯ୍ୟନ୍ତ ୬ କୋଟି ୫୦ ଲକ୍ଷ ଟଙ୍କାର ଏକ ରାସ୍ତାର ଶୁଭ ଶିଳାନ୍ୟାସ କରିଥିଲେ। ଏହି ଅବସରରେ ସଭାରେ ଉପସ୍ଥିତ ମୋଟ ୧୬୨ ଜଣ ମୁରବୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସରପଞ୍ଚ ସ୍ୱାଧୀନ ଭୂୟାଁଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀ ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଜନସଚେତନତା କରାଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଶୁଭଶ୍ରୀ ମହାନ୍ତି, ସଭ୍ୟ ଇଂ ବିଳାସ ଭୋଇ, ସିସିବି ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ଦାସ, ସମିତିସଭ୍ୟ କିଶୋର ସାହାଣୀ, ଅତିରିକ୍ତ ବିଡ଼ିଓ ଅଶୋକ ମହାନ୍ତି, ବ୍ଲକ ପ୍ରଗତି ସହକାରୀ ଅଧିକାରୀ ବିଷ୍ଣୁଚରଣ ବେହେରା, ସମାଜସେବୀ ବିମଳ ପଡ଼ିହାରୀ, ଆଲୋକ ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର/ଛାତ୍ରୀ, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ଏମବିକେ ସିଆରପି, ୱାର୍ଡ ସଭ୍ୟସଭ୍ୟା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇଥିଲେ।

**ନିଶ୍ଚିନ୍ତକୋଇଲି :** ମହମ୍ମଦପୁର ପଞ୍ଚାୟତ ସ୍ଥିତ ବିଶ୍ୱନାଥପୁର ହାଇସ୍କୁଲ ପଡ଼ିଆରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ୫୦ଲକ୍ଷ ଟଙ୍କାରେ ମୋଟ୍ ୧୦ଟି ପ୍ରକଳ୍ପ କାର୍ଯ୍ୟ ହୋଇଥିଲା ବେଳେ ବିଦ୍ୟାଳୟ ଓ ଦେବାଳୟ ଗୁଡ଼ିକୁ ଉନ୍ନତିକରଣ କରାଯାଇଛି। ସରପଞ୍ଚ ପ୍ରତିଭା ବେହେରାଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ଯୋଗଦେଇ ପଞ୍ଚାୟତର ବୟୋଜ୍ୟେଷ୍ଠ ମୁରବୀ, ଆଦର୍ଶ ଶିକ୍ଷକ, ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟରେ ବିଜେଡ଼ି ସରକାରଙ୍କ ଦ୍ୱାରା ପ୍ରଣୟନ ହୋଇଥିବା ଜନହିତକର ଯୋଜନାରେ ସମସ୍ତ ପରିବାର କିଭଳି ଅନ୍ତର୍ଭୁକ୍ତ ହୋଇପାରିବେ ସେ ନେଇ ଜନସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଭ୍ୟ ଇଂ.ବିଳାସ ଭୋଇ, ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନରେନ୍ଦ୍ର ବାରିକ, ପ୍ରାକ୍ତନ ସରପଞ୍ଚ ସରୋଜ ବେହେରା, ସମିତିସଭ୍ୟ ରଞ୍ଜନ ପାତ୍ର, ସରପଞ୍ଚ ଶାରଦା ମହାନ୍ତି, ପୂର୍ବତନ ସରପଞ୍ଚ ଦୀଲ୍ଲିପ ବିଶ୍ୱାଳ, ନାଏବ ସରପଞ୍ଚ ପଞ୍ଚାନନ ସାହୁ, ଅତିରିକ୍ତ ବିଡିଓ ଅଶୋକ ମହାନ୍ତି, ପ୍ରଗତି ଅଧିକାରୀ ବିଷ୍ଣୁଚରଣ ବେହେରା, ପିଇଓ ବିଜୟ ରାଉତ, ଜିଆରଏସ ଚିତ୍ତ ରଞ୍ଜନ ମହାନ୍ତିଙ୍କ ସମେତ ସମସ୍ତ ୱାର୍ଡ଼ ସଭ୍ୟ/ସଭ୍ୟାମାନେ ଯୋଗଦେଇଥିଲେ।

**ଟାଙ୍ଗୀ :** ଟାଙ୍ଗୀ-ଚୌଦ୍ୱାର ବ୍ଲକ ତଥା ସାଲେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୩ଟି ପଞ୍ଚାୟତରେ ହେଉଥିବା 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ସମୀକ୍ଷା ଏବଂ ତୁରନ୍ତ କାର୍ଯ୍ୟ ଶେଷ କରିବା ନିମନ୍ତେ ବିଧାୟକ ପ୍ରଶାନ୍ତ ବେହେରା ଆଲୋକପାତ କରିଥିଲେ। ଏଥିସହିତ ସଂଗଠନ ସୁଦୃଢ ନିମନ୍ତେ ମଙ୍ଗଳବାର ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଶ୍ରୀ ବେହେରାଙ୍କ ସମେତ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ସଭ୍ୟା ଜୟଶ୍ରୀ ପ୍ରଧାନ, ବିଜେଡି ବ୍ଲକ ସଭାପତି ଧିରେନ୍ଦ୍ର କୁମାର ଜେଠୀ, ବିଜେଡି ସଂଗଠକ କୃଷ୍ଣଚନ୍ଦ୍ର ଦାସ, ନରେନ୍ଦ୍ର ରାଉତରାୟ, ସୁବୋଧ ସାମଲ, ଆମ୍ବା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ପଞ୍ଚାୟତ ବିଜେଡି ସଭାପତି ଯୋଗଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଯୁବ ସଂଗଠକ ଗୋପାଳ ଲେଙ୍କା, ଗୋବିନ୍ଦ ଦାସ, ପରମଜିତ ମହାନ୍ତି ଓ ସାଗର କର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ନିମସାହି, କୋକଳବା ଓ ବନ୍ଧହୁଡ଼ା ପଞ୍ଚାୟତ



ବାବୁଜଙ୍ଗ ପଞ୍ଚାୟତ

## ଗଞ୍ଜେଇ ଜବତ; ଜଣେ ଗିରଫ

**ବଡ଼ମ୍ବା, ୧୩।୨(ସମିସ):** ଗତ କିଛିଦିନ ଧରି ବଡ଼ମ୍ବା ଅଞ୍ଚଳରେ ଗଞ୍ଜେଇ ଚୋରା ଚାଲାଣ ରୋକିବା ଲାଗି ବିଭିନ୍ନସ୍ତରରେ ପୁଲିସର ତନାଘନା ଜାରି ରହିଥିଲା । ଗତକାଲି ସନ୍ଧ୍ୟାରେ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ବଡ଼ମ୍ବା ବ୍ଲକର ନୂଆକେଶାବେରିଣୀ ଛକ ନିକଟରେ ଗଞ୍ଜେଇ ନେଇ ଯାଉଥିବା ବଡ଼ମ୍ବା ବ୍ଲକର ଝାଜିଆ ଗାଁର ଉପେନ୍ଦ୍ର ସାହୁଙ୍କୁ ଅଟକାଇ ଯାଞ୍ଚ କରିଥିଲା ପୁଲିସ । ବାଇକ ସହ ଚାରି କେଜି ପଚାଶ ଗ୍ରାମର ଏକ ଗଞ୍ଜେଇ ବ୍ୟାଗକୁ ଜବତ କରିବା ସହିତ ଅଭିଯୁକ୍ତ ଉପେନ୍ଦ୍ରକୁ ଆଜି ସକାଳେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

## ଶ୍ରେଣୀଗୃହରେ ବାଣ ବିସ୍ଫୋରଣ; ୪ ଛାତ୍ର ଆହତ

**ନିଶ୍ଚିନ୍ତକୋଇଲି, ୧୩।୨(ସମିସ):** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ମଣିଜଙ୍ଗ ସ୍ଥିତ ଭଗବତୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଗୃହରେ ହଠାତ୍ ଏକ ବାଣ ବିସ୍ଫୋରଣ ହେବାରୁ ୪ଜଣ ଛାତ୍ର ଆହତ ହୋଇଛନ୍ତି । ସପ୍ତମ ଶ୍ରେଣୀର ଛାତ୍ର ସାନ୍ତନୁ ମଳିକଙ୍କ ପାଖରେ ଥିବା ଏକ ବାଣ ଡେକ୍ସରେ ବାଡ଼େଇ ହୋଇଯିବାରୁ ଏହା ବିସ୍ଫୋରଣ ହୋଇ ଶ୍ରେଣୀ ଗୃହ ସାରା ଧୂଆଁ ଭର୍ତ୍ତି ହୋଇଯାଇଥିଲା । ପ୍ରଚଣ୍ଡ ଶବ୍ଦ ଶୁଣି ଶିକ୍ଷକ ଶିକ୍ଷୟିତ୍ରୀମାନେ ପହଞ୍ଚି ଆହତ ହୋଇଥିବା ସାନ୍ତନୁଙ୍କ ସହିତ ଶମ୍ଭୁ ମଳିକ, ସୁମନ ପୃଷ୍ଟି ଓ ଅନୁରାଗ ପୃଷ୍ଟି ଉଦ୍ଧାର କରି ତାଙ୍କ ଅଭିଭାବକଙ୍କୁ ଡ଼ାକି ସରପଞ୍ଚ ଶାରଦା ମହାନ୍ତିଙ୍କ ସହଯୋଗରେ ଚିକିତ୍ସା ନିମନ୍ତେ ଆମ୍ବୁଲାନସ ଯୋଗେ ତେଣ୍ଟାକୁଡ଼ା ଚିକିତ୍ସା କେନ୍ଦ୍ରକୁ ପଠାଇଥିଲେ । ପରେ ସେମାନଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା । ପ୍ରଚଣ୍ଡ ବାଣ ଶବ୍ଦରେ କାନ ଉପରେ ପ୍ରଭାବ ପଡ଼ିଥିବାରୁ ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଭଲଭାବରେ ଶୁଭୁ ନ ଥିଲା ବେଳେ କାନରେ ଯନ୍ତ୍ରଣା ମଧ୍ୟ ହେଉଛି । ଏ ସଂକ୍ରାନ୍ତରେ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ସେଠୀଙ୍କୁ ପଚାରିବାରୁ ତତ୍କାଳ ସମସ୍ତ ଆହତଙ୍କୁ ଚିକିତ୍ସା କରାଯାଇଥିବାରୁ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି ବୋଲି ପ୍ରକାଶ କରିଛନ୍ତି । ଅପରପକ୍ଷରେ ସମ୍ପୃକ୍ତ ଛାତ୍ର ଜଣକ କେଉଁଠୁ ଏବଂ କ'ଣ ପାଇଁ ବିଦ୍ୟାଳୟକୁ ଏହି ବାଣ ନେଇ ଆସିଥିଲା ତାହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମଣ୍ଡଳ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଭାବକ ମହଲରେ ଦାବି ହୋଇଛି ।

## ଗରୁଡ଼େଶ୍ୱର ମନ୍ଦିର ପ୍ରତିଷ୍ଠା ନିମନ୍ତେ ପ୍ରସ୍ତୁତି

**ଟାଙ୍ଗୀ, ୧୩ ।୨(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଗରୁଡ଼ଗାଁ ଗରୁଡେଶ୍ୱର ମନ୍ଦିର ପ୍ରତିଷ୍ଠା ନିମନ୍ତେ ଗ୍ରାମର ମଧୁସୂଦନ ବେହେରାଙ୍କ ପୌରୋହିତ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗରୁଡ଼ଗାଁରେ ନୂତନକରି ଗ୍ରାମବାସୀଙ୍କ ଉଦ୍ୟମରେ ମହାଦେବ ମନ୍ଦିର ନିର୍ମାଣ କରାଯାଇଛି । ଚଳିତ ମାସ ୨୫ରୁ୨୭ ତାରିଖ ପର୍ଯ୍ୟନ୍ତ ହୋମଯଜ୍ଞ, କଳସ ଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୂଜା ରୀତିନୀତି ଅନୁସାରେ ହେବ । ଉକ୍ତ ବୈଠକରେ ହେମନ୍ତ କୁମାର ସାହୁ, ଅନନ୍ତ ଚରଣ ଦାସ, ପ୍ରସନ୍ନ ସାହୁ, ନାରାୟଣ ସାହୁ, ତାପସ ବେହେରା, ସାଧୁଚରଣ ବେହେରା, ସନ୍ତୋଷ ସାହୁ ଓ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ବାଙ୍କୀ ବିଜେପିର ଗାଁ କୁ ଚାଲ କାର୍ଯ୍ୟକ୍ରମ

**ବାଙ୍କୀ, ୧୩।୨(ସମିସ):** ବାଙ୍କୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କାଳିପୋଇ ପଞ୍ଚାୟତରେ ବିଜେପି ନେତା ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ନେତୃତ୍ୱରେ ଗାଁକୁ ଚାଲ ଅଭିଯାନ କରାଯାଇଛି । ଘରକୁ ଘର ବୁଲି ମୋଦୀଙ୍କ ସୁଶାସନ ତଥା ସଫଳତାକୁ କାର୍ଯ୍ୟକର୍ତ୍ତାମାନଙ୍କ ସହଯୋଗରେ ଜନସାଧାରଣଙ୍କ ନିକଟରେ ପ୍ରଚାରପତ୍ର, ପୋଷ୍ଟର, ଡୋର୍ ଷ୍ଟିକର ପହଞ୍ଚାଇବା ପାଇଁ ଶୁଭ୍ରାଂଶୁ ମୋହନ ପାଢ଼ୀ ନିଜେ ପଦଯାତ୍ରାର ନେତୃତ୍ୱ ନେଇ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ । ଏହା ସହିତ କାଳିପୋଇ ପଞ୍ଚାୟତର କନ୍ତକାଇ ପଞ୍ଚୁଦଳ ପଡ଼ିଆରେ ଆୟୋଜିତ କୃଷକ ପଞ୍ଚାୟତ ବୈଠକରେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଉତ୍କଳମଣି ମନ୍ତ୍ରୀ, ସଂଯୋଗ ଆଇନଜୀବୀ ପ୍ରଦୀପ ପଟ୍ଟନାୟକ, ଧରଣୀଧର ସାହୁ, ପଦ୍ମଲୋଚନ ବେହେରାଙ୍କ ସହିତ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ ।

## ୧୯୭୬ ମାଟ୍ରିକ ବ୍ୟାଚ୍ ବନ୍ଧୁମିଳନ

**ନିଶ୍ଚିନ୍ତକୋଇଲି, ୧୩।୨(ସମିସ):** ନିଶ୍ଚିନ୍ତକୋଇଲି ଅହମ୍ମଦବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୭୬ ମାଟ୍ରିକ ବ୍ୟାଚର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବରକୋଳିଆ ସ୍ଥିତ କୈଳାସ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଛି । ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ରମାନାଥ ସାହୁଙ୍କ ସଂଯୋଜନାରେ ପ୍ରଥମେ ସହପାଠୀ ରଘୁନାଥ ଜୀଉ ମନ୍ଦିର, ଦଧିବାମନ ଜୀଉ ମନ୍ଦିର, ହରଚଣ୍ଡୀ ମନ୍ଦିର, କେରିଲୋ ସାଇଧାମ ଏବଂ ରାମଚଣ୍ଡୀ ମନ୍ଦିରକୁ ଯାଇ ଦେବାଦେବୀଙ୍କୁ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ । ସହପାଠୀ ଅର୍ନ୍ତଯ୍ୟାମୀ ରାଉତରାୟଙ୍କ ପୌରୋହିତ୍ୟରେ ଏଥିରେ ପ୍ରଫୁଲ୍ଲ କୁମାର କର, ରଞ୍ଜନ ମହାନ୍ତି, ସୂର୍ଯ୍ୟନାରାୟଣ ପଣ୍ଡା, ବଂଶୀଧର ସାମଲ, ହରେକୃଷ୍ଣ ବେହେରା, ପୁରୁଷୋତ୍ତମ ସାହୁ, ସୁଧୀର ଷଡଙ୍ଗୀ, ପ୍ରିୟନାଥ ଦେବତା, ସତ୍ୟାନନ୍ଦ ବରାଳ ପ୍ରମୁଖ ଯୋଗଦେଇଥିଲେ ।

## ପ୍ରାଚୀ ଏକାଡେମୀର ପୁରାତନ ଛାତ୍ର ସମାବେଶ

**କଣ୍ଟାପଡ଼ା, ୧୩।୨(ସମିସ):** ଅଡଶପୁରଠାରେ ଥିବା ପୁରାତନ ଆଦର୍ଶ ଶିକ୍ଷାନୁଷ୍ଠାନ ପ୍ରାଚୀ ଏକାଡେମୀ ଉଚ୍ଚ ବିଦ୍ୟାଳୟର ୧୯୯୪ ବ୍ୟାଚର ଛାତ୍ରଛାତ୍ରୀ ଦୀର୍ଘ ୩୦ ବର୍ଷ ପରେ ଏକତ୍ରିତ ହୋଇ ସାମାଜିକ ସଂଗଠନ ପ୍ରାଚୀ ଏକାଡେମୀ ଅଭୁଲା କାହାଣୀରେ ସମାବେଶ କରିଥିଲେ । ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସମାବେଶରେ ପରସ୍ପରର ସୁବିଧା ଅସୁବିଧା ବୁଝିବା ସହ ଦିବଙ୍ଗତ ବନ୍ଧୁଙ୍କ ଉଦ୍ଦେଶ୍ୟରେ ଶୋକସଭା ଓ ନିରବ ପ୍ରାର୍ଥନା କରିଥିଲେ । ଆର୍ଥିକ ଅନଟନ ଓ ରୋଗରେ ପୀଡିତ କେତେଜଣ ପୁରାତନ ଛାତ୍ରଙ୍କ ଉଦ୍ଦେଶ୍ୟରେ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା । ସ୍ଥାନୀୟ ଜୟଦେବ ପାର୍କରେ ଆୟୋଜିତ ଏହି ସମାବେଶକୁ ଶ୍ରୀମନ୍ତ ମହାପାତ୍ର, ବିଜୟ ବେହେରା, ସିରାଜ ଉଦିନ ସା, ପ୍ରିୟବ୍ରତ ଗୋଛାୟତ, ଚିତ୍ତ ରଞ୍ଜନ ପ୍ରଧାନ, ଜଟାଧାରି ବେହେରା, କବି ପ୍ରସାଦ ସ୍ୱାଇଁ, ବିଶ୍ୱଜିତ ରାଉତରାୟ ପ୍ରମୁଖ ପରିଚାଳନା କରିଥିବା ବେଳେ ଅନ୍ୟ ଛାତ୍ରମାନେ ସହଯୋଗ କରିଥିଲେ ।

# ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀ ଅମଙ୍ଗ

**ନିଶ୍ଚିନ୍ତକୋଇଲି, ୧୩।୨(ସମିସ):**




ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ମୋଟ ୧୩ଟି ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲିଛି । ନିୟମ ଅନୁଯାୟୀ ଚାଷୀମାନେ ପୂର୍ବରୁ ନାମ ପଞ୍ଜିକରଣ କରି ଏବେ ମଣ୍ଡିରେ ଧାନ ବିକ୍ରି କରିବା କଥା । ମଣ୍ଡି ଖୋଲା ହେଲାବେଳେ ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ ବ୍ୟବସାୟୀଙ୍କ ମୂଲ୍ୟର ବ୍ୟବଧାନ ଟିକେ ଅଧିକ ଥିବାରୁ ଥରେ ଦୁଇଥର ଚାଷୀମାନେ ଟୋକନ ଅନୁଯାୟୀ ସଠିକ୍ ପରିମାଣରେ ଧାନ ବିକ୍ରି ପାଇଁ ଆଣିଥିଲେ । ବର୍ତ୍ତମାନ ଧାନ ବ୍ୟବସାୟୀମାନେ କ୍ୱିଣ୍ଟାଲ ପିଛା ଧାନର ମୂଲ୍ୟ ୧୯୫୦ଟଙ୍କା କରିଦେବା ପରେ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିବାକୁ ଅମଙ୍ଗ ହେଉଛନ୍ତି । ଫଳରେ ଯେଉଁ ଚାଷୀମାନଙ୍କର ଟୁକନ ଆସିଛି ସେମାନେ ସଠିକ୍ ପରିମାଣରେ ଧାନ ମଣ୍ଡିରେ ନ ବିକ୍ରି କରି ଖୁବ୍ କମ ପରିମାଣରେ ଧାନ ଆଣି ବିକ୍ରି କରୁଛନ୍ତି । ଫଳରେ ଦିନକୁ ଦିନ ମଣ୍ଡିରେ ଧାନ ବିକ୍ରି କମିବାରେ ଲାଗିଛି । ଆଉ ଗୋଟ କିମ୍ବା ଦୁଇଟି ବାରି ପରେ ମଣ୍ଡି ଗୁଡ଼ିକ ବନ୍ଦ ହେବାର ଆଶଙ୍କା ପ୍ରକାଶ ପାଇଥିବା ସ୍ପଷ୍ଟ ଦେଖାଦେଇଛି । ଗତବର୍ଷ ମଣ୍ଡି ବନ୍ଦ ହେବା ପରେ ଧାନ ବ୍ୟବସାୟୀମାନେ କ୍ୱିଣ୍ଟାଲ ପିଛା ସରକାରୀ ମୂଲ୍ୟଠାରୁ ୨ ଶହରୁ ୩ ଶହ ଟଙ୍କା ଅଧିକ ବଢ଼ାଇ ଦେଇଥିଲେ । ଚଳିତ ବର୍ଷ ପ୍ରଥମରୁ ବେସରକାରୀ ଭାବେ ଧାନ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଧାନ ମୂଲ୍ୟ ବଢ଼ାଇ ଦେଇଥିବା ବେଳେ ଆଗକୁ ଏହା ଆହୁରି ଅଧିକ ବୃଦ୍ଧି ହେବ ବୋଲି ଚାଷୀମାନେ ଆଶଙ୍କା କରି ମଣ୍ଡିରେ ଧାନ ବିକ୍ରି କରୁ ନ ଥିବା ଜଣାଯାଇଛି । ଯଦି ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ଧାନ କ୍ୱିଣ୍ଟାଲ ପିଛା ୩ ଶହରୁ ୫ ଶହ ଟଙ୍କା ବୋନସ ଦିଆଯାଆନ୍ତା ତା'ହେଲେ ସେମାନେ ସଠିକ୍ ଭାବେ ମଣ୍ଡିରେ ଧାନ ବିକ୍ରି କରନ୍ତେ । ଏହି ବର୍ଷ ସରକାରଙ୍କ ଧାନ ଧାର୍ଯ୍ୟ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୧୮୩ ଟଙ୍କା ରହିଛି । ଚାଷୀମାନେ ମଣ୍ଡିରେ ଏହି ଦାମରେ ଧାନ ବିକିଲେ କ୍ଷତି ହେଉଥିବା ବହୁ ଚାଷୀ ପ୍ରକାଶ କରିଛନ୍ତି । ନିୟମ ଅନୁସାରେ କ୍ୱିଣ୍ଟାଲ ଧାନ ପ୍ରତି ଚାଷୀ ୨ଟି ଅଖା ୬୦ଟଙ୍କାରେ କିଣୁଥିବାବେଳେ ଏଥିରେ ଧାନ ଭର୍ତ୍ତି କରିବା, ସେଗୁଡ଼ିକୁ ମଣ୍ଡିକୁ ଗାଡ଼ି ଭଡ଼ା ଦେଇ ବିକ୍ରି ପାଇଁ ଆଣିବା ଏବଂ ମିଲରମାନେ କ୍ୱିଣ୍ଟାଲ ପିଛା ୩ କିଲୋ ଧାନ କାଟି ରଖିବା ଇତ୍ୟାଦିରେ ୨ଶହରୁ ୩ ଶହ ଟଙ୍କା ଖର୍ଚ୍ଚ ହୋଇଯାଉଛି । ଯାହାଦ୍ୱାରା ସରକାରୀ ମୂଲ୍ୟଠାରୁ ବ୍ୟବସାୟୀଙ୍କ ମୂଲ୍ୟ ଅଧିକ ହେଉଛି । ଏଭଳି ସ୍ଥଳେ ଅନ୍ୟ ରାଜ୍ୟମାନେ ଚାଷୀମାନେ ଲାଭବାନ ହେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବୋନସର ବ୍ୟବସ୍ଥା ହୋଇଛି । ଓଡ଼ିଶା ସରକାର ଧାନ ବିକ୍ରିରେ ବୋନସ ଦେଉ ନ ଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି । ଛତିଶଗଡ଼ ସରକାର କ୍ୱିଣ୍ଟାଲ ଧାନ ପିଛା ୧ ହଜାର ଟଙ୍କା ବୋନସ ଦେଉଥିଲା ବେଳେ ପଶ୍ଚିମବଙ୍ଗ ସରକାର ୫୦୦ ଟଙ୍କା ଓ ଆନ୍ଧ୍ରରେ ୭୦୦ ଟଙ୍କା ବୋନସ ଦିଆଯାଉଥିବା ବେଳେ ଓଡ଼ିଶାରେ କଣ ପାଇଁ ବୋନସ ଦିଆଯାଉନାହିଁ ସେ ନେଇ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି । ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହୋଇଛି ।

## ୨୩ରୁ ରାଜ୍ୟସ୍ତରୀୟ ଯୁବ ଫାର୍ମାସୀ ମହୋତ୍ସବ

**କଣ୍ଟାପଡ଼ା ୧୩।୨(ସମିସ):** ବାଗଲପୁର ପଞ୍ଚାୟତ ସୁନ୍ଦରଗ୍ରାମସ୍ଥିତ ଦଧୀଚି ଫାର୍ମାସୀ କଲେଜରେ ଚଳିତ ମାସରେ ହେବାକୁ ଯାଉଥିବା ଯୁବ ଫାର୍ମାସୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ହୋଇଯାଇଛି । ଦଧୀଚି ସମୂହ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡ. ମନୋଜ ଦାଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ପ୍ରସ୍ତୁତି ପ୍ରଣାଳୀ ଉପରେ ଚର୍ଚ୍ଚା କରାଯାଇଥିଲା । ଅନୁଷ୍ଠାନର ଅଧ୍ୟକ୍ଷ ରଜତ କର ସମାଜରେ ସଚେତନତା ବାର୍ତ୍ତା ପହଞ୍ଚାଇଥିଲେ । ଚଳିତ ମାସ ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ପାଳନ କରାଯିବ । ଫାର୍ମାସୀ ବିଦ୍ୟାର୍ଥୀଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ ଏପରି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ଉପାଧ୍ୟକ୍ଷ ପ୍ରଫେସର ଶୋଭାବିକାଶ ସ୍ୱାଇଁ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାକୁ ଡ.ସତ୍ୟବ୍ରତ ସାହୁ, ଦୁର୍ଗାଚରଣ ସାହୁ, ଡ. ସନ୍ତୋଷ ପଣ୍ଡା, ପ୍ରଭାତ ରଞ୍ଜନ ଗୁରୁ, ଚନ୍ଦ୍ରକାନ୍ତ ଦାସ, ଅନୁସ୍ମନ୍ଦନ ରାଓ, ଅନୀତା ସାହୁ ଏବଂ ଅଙ୍କିତା ଅଞ୍ଜଳି ସେଠୀ ଯୋଗଦେଇ ନିଜ ନିଜର ଦାୟିତ୍ୱ ନିର୍ବାହ ପ୍ରଣାଳୀ ଉପରେ ତଥ୍ୟ ପ୍ରଦାନ କରିଥିଲେ । ଦଧୀଚି ସମୂହ ଶିକ୍ଷାନୁଷ୍ଠାନର ବିତ ନିର୍ଦ୍ଦେଶକ ବାସୁଦେବ ବିଶ୍ୱାଳ ଏବଂ ଡିନ ସଂଗ୍ରାମ ପଟ୍ଟନାୟକ ଯୋଗଦେଇ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଉପଯୁକ୍ତ ପରିଚାଳନା ପାଇଁ ମାର୍ଗ ଦର୍ଶାଇଥିଲେ ।

## ବାହାବଲପୁର ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ନିଶ୍ଚିନ୍ତକୋଇଲି, ୧୩।୨(ସମିସ):** ଜିଗ୍ନିପୁର ପଞ୍ଚାୟତ ବାହାବଲପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷୟିତ୍ରୀ ରବେୟା ସରୱାରଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଲେଙ୍କା ଉଦ୍‌ଘାଟନ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ମୁଖ୍ୟବକ୍ତା ଭାବେ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ସମ୍ମାନୀତ ଅତିଥି ଭାବେ ସରପଞ୍ଚ ତିଳୋତ୍ତମା ରାଉତ, ବିଜେଡି ସଂଖ୍ୟାଲଘୁ ସେଲ୍‌ଫ ଜିଲ୍ଲା ଉପସଭାପତି ଜାକୀର ଖାଁ, ପ୍ରଧାନଶିକ୍ଷକ ନିରଞ୍ଜନ ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି କସର ଖାନ୍, ନାଏବ ସରପଞ୍ଚ କୁଦରତ ଅଲୀ ଖାଁ, ରଜାକ୍ ଖାଁ, ଜ୍ଞାନରଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷୟିତ୍ରୀ ତବସୁମ୍ ପରୱିନ୍, ହେମଲତା ନାଏକ, ପରୱାନା ଅଞ୍ଜୁମ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରାକ୍ତନ ସିଆରସିସି ନିମାଇଁ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




## ଓଟିଏମ୍ ବଞ୍ଚାଅ ସଂଗଠନର ଆନ୍ଦୋଳନ ପ୍ରତ୍ୟାହୃତ




**ଚୌଦ୍ୱାର, ୧୩।୨(ସମିସ):** ଓଟିଏମ ମିଲ ବନ୍ଦ ହେବା ପରେ ଓଟିଏମକୁ ପୁନଃ କାର୍ଯ୍ୟକ୍ଷମ କରିବା କିମ୍ବା ଓଟିଏମ ଜମି ଉପରେ ବିକଳ୍ପ ଶିଳ୍ପ ପ୍ରତିଷ୍ଠା ଏବଂ ଶ୍ରମିକଙ୍କ ବକେୟା ପ୍ରାପ୍ୟ ପ୍ରଦାନ ଦାବିରେ ଓଟିଏମ ବଞ୍ଚାଅ ସଂଗଠନ ଓ ବିରାଟ ଜନକଲ୍ୟାଣ ସମିତି ତରଫରୁ ଆଜକୁ ଦୀର୍ଘ ୧୯ବର୍ଷ ଧରି ଓଟିଏମ୍ ମୁଖ୍ୟ ଫାଟକ ସମ୍ମୁଖରେ ଅହୋରାତ୍ର ଧାରଣା ଓ ଆନ୍ଦୋଳନ ଜାରି ରହିଥିଲା । ଶ୍ରମିକ ନେତା ଦୀପକ କୁମାର ବାରିକଙ୍କ ନେତୃତ୍ୱରେ ଚାଲିଥିବା ଏହି ଧାରଣା ସୋମବାର ପ୍ରତ୍ୟାହୃତ ହୋଇଥିବା ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଉଭୟ ସଂଗଠନର କର୍ମକର୍ତ୍ତାମାନେ । ସୂଚନାଯୋଗ୍ୟ ଓଟିଏମ ବନ୍ଦ ହେବା ପରେ ୨୦୦୫ ମସିହା ସେପ୍ଟେମ୍ବର ୧ତାରିଖରୁ ଏହି ଆନ୍ଦୋଳନ ତଥା ଧାରଣା ଆରମ୍ଭ କରାଯାଇଥିଲା । ୨୦୨୨ ମସିହା ଅଗଷ୍ଟ ମାସରେ ରାଜ୍ୟ ସରକାର ଓଟିଏମକୁ ହାତକୁ ନେବାପରେ ଶ୍ରମିକଙ୍କୁ ସେମାନଙ୍କର ବକେୟା ପ୍ରାପ୍ୟ ପ୍ରଦାନ କରିବା ସହ ଓଟିଏମ ଜାଗାରେ ନୂତନ ଶିଳ୍ପ ପ୍ରତିଷ୍ଠା କରାଯିବାର ପ୍ରତିଶ୍ରୁତି ଦେଇଥିଲେ । ଯାହାର ଫଳସ୍ୱରୁପ ଆସନ୍ତା ୧୭ରେ ମୁଖ୍ୟମନ୍ତ୍ରୀ ୱେଲସ୍ପନ ନାମକ ଏକ ଘରୋଇ କମ୍ପାନୀଦ୍ୱାରା ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନା କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ତେଣୁ ଶ୍ରମିକମାନେ ମୁଖ୍ୟମନ୍ତ୍ରୀଙ୍କ ଉପରେ ସମସ୍ତ ଆଶା ଓ ଭରସା ରଖି ଧାରଣା ପ୍ରତ୍ୟାହୃତ କରୁଥିବା ସାମ୍ବାଦିକ ସମ୍ମିଳନୀରେ ଦୀପକ ବାରିକ, ବିଭୁ ପ୍ରସାଦ ରଥ, ଦୁଲାଳସେନ ସ୍ୱାଇଁ, ସରୋଜ ନାୟକ, ଜୟୀରାମ ଷଡଙ୍ଗୀ, ବିଜୟ ସାହୁ, ବିଷ୍ଣୁଚରଣ ମହାରଣା ପ୍ରମୁଖ ସୂଚନା ଦେଇଛନ୍ତି ।

## 'ଲୋକଭାଷା'ର ସ୍ୱନକ୍ଷତ୍ର ପାଇଁ ପ୍ରସ୍ତୁତି ବୈଠକ

**କିଶନନଗର, ୧୩ ।୨(ସମିସ):** ସାହିତ୍ୟ ଓ ସମ୍ବାଦ ଭିତ୍ତିକ ପାକ୍ଷିକ ପତ୍ରିକା 'ଲୋକଭାଷା'ର ୨୦ତମ ସ୍ୱନକ୍ଷେତ୍ର ଉତ୍ସବ ମାର୍ଚ୍ଚ ମାସ ୨୪ ତାରିଖରେ ପାଳନ କରାଯିବ । ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ସ୍ଥାନୀୟ ମୁକ୍ତେଶ୍ୱର ମହାଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ବାବା ଅଦ୍ୱୈତାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଲୋକଭାଷାର ସମ୍ପାଦକ ଓ ପ୍ରକାଶକ ସୁକଦେବ ପରିଡ଼ା, ସାମାଜିକ କର୍ମୀ ସୀତାରାମ ପଣ୍ଡା, ଅଧ୍ୟାପକ ଧରଣୀଧର ଜେନା, ସାହିତ୍ୟିକ ପ୍ରଦୀପ ଆଚାର୍ଯ୍ୟ, ସାମ୍ବାଦିକ ସୌୟଦ ସାଜିଦ ଆଲ୍ଲୀ, ସତ୍ୟ ରଞ୍ଜନ ବାରିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଲୋକଭାଷାର ତ୍ରୟୋମାସିକ ସାହିତ୍ୟ ପତ୍ରିକାର ପ୍ରକାଶନ ସମ୍ପର୍କରେ ଆଲୋଚନା କରାଯିବା ସହ ଏଥିପାଇଁ ଲେଖା ସଂଗ୍ରହ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ।

## ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଉଦ୍‌ଯାପିତ

**ନିଶ୍ଚିନ୍ତକୋଇଲି, ୧୩।୨(ସମିସ):** ମଣିଜଙ୍ଗ ପଞ୍ଚାୟତ ସ୍ଥିତ ଭଗବତୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ୧୦ଦିନ ବ୍ୟାପୀ ଚାଲି ସୋମବାର ଉଦଯାପିତ ହୋଇଛି । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନିତ୍ୟାନନ୍ଦ ନାୟକଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ଚିତ୍ରୋତ୍ପଳା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ ବେଦବ୍ରତ, ସମ୍ମାନୀତ ଅତିଥିଭାବେ ଅଧ୍ୟାପିକା କଳ୍ପନା ମହାନ୍ତି, ଅଧ୍ୟାପିକା ମାନସୀ ରାଉତରାୟ ଯୋଗଦେଇ ଛାତ୍ରୀମାନଙ୍କୁ ଶାରୀରିକ ଓ ମାନସିକ ଭାବରେ ସମୃଦ୍ଧ ହୋଇ ବିଭିନ୍ନ ବିପଦ ସମୟରେ କିଭଳି ଆତ୍ମରକ୍ଷା କରିପାରିବେ ସେ ସଂକ୍ରାନ୍ତରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜିକା ଇଂରାଜୀ ବିଭାଗ ଅଧ୍ୟାପିକା ବୀଣାପାଣି ରାଉତ ଏହି ତାଲିମର ଆବଶ୍ୟକତା ସଂକ୍ରାନ୍ତରେ ଆଲୋକପାତ କରିଥିଲେ । କାର୍ଯ୍ୟାଳୟ ସହକାରୀ ଆଶିଷ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।




## ମୁଖ୍ୟମନ୍ତ୍ରୀଙ୍କ ଚୌଦ୍ୱାର ଗସ୍ତ ପାଇଁ ପ୍ରସ୍ତୁତି ବୈଠକ



**ଚୌଦ୍ୱାର, ୧୩।୨(ସମିସ):** ଓଟିଏମ୍ ଭିତ୍ତିଭୂମି ଉପରେ ପୁଣି ନୂତନ ଶିଳ୍ପ ପ୍ରତିଷ୍ଠା ହେବାନେଇ ଚୌଦ୍ୱାରରେ ଖୁସିର ଲହରୀ ଖେଳିଯାଇଛି । ଆସନ୍ତା ୧୭ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଚୌଦ୍ୱାରରେ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ଶୁଭ ଶିଳାନ୍ୟାସ କରିବେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁର୍ ଚୌଦ୍ୱାରରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଗାନ୍ଧୀଛକସ୍ଥିତ ପୌର ଟାଉନ ହଲରେ ଏହି ଉପଲକ୍ଷେ ଆୟୋଜିତ ସର୍ବଦଳୀୟ ପ୍ରସ୍ତୁତି ବୈଠକରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି, ରାଜନେତା ଓ ସାଧାରଣ ନାଗରିକ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପଇଁ ସମସ୍ତ ସହଯୋଗ କରିବାକୁ ନିବେଦନ କରିଥିଲେ । ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ବରିଷ୍ଠ ସମାଜସେବୀ ଦାମୋଦର ସାହୁ, ଅବସରପ୍ରାପ୍ତ ବରିଷ୍ଠ ପୁଲିସ ଅଧିକାରୀ ବାଳକୃଷ୍ଣ ମହାନ୍ତି, ସାଂସଦ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଧାୟକ ପ୍ରତିନିଧି ବିଷ୍ଣୁ ଚରଣ ପରିଡ଼ା, ରୂପଯାତ୍ରା କମିଟି ସଭାପତି ସୁବୋଧ ନାୟକ, ବ୍ଲକ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ତୀର୍ଥନନ୍ଦ ସୁବୁଦ୍ଧିରାୟ ପ୍ରମୁଖ ଉଦ୍‌ବୋଧନ ଦେଇ ଦୀର୍ଘ ଦିନ ପରେ ଶିଳ୍ପ ନଗରୀ ଚୌଦ୍ୱାରରେ ନୂତନ ଶିଳ୍ପ ପ୍ରତିଷ୍ଠାର ଅବକାଶ ଆସିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଏହି ସଭାରେ ୩୦ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ଏକତ୍ରିତ କରିବାପାଇଁ ସମସ୍ତେ ଉଦ୍ୟମ କରିବାକୁ ନିବେଦନ କରିଥିଲେ । ପୌରପାଳିକାର ସମସ୍ତ କାଉନସିଲର, ଅଞ୍ଚଳର ବହୁ ମହିଳା ନେତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଛାତ୍ରଛାତ୍ରୀ, ଯୁବକ ସଂଘର କର୍ମକର୍ତ୍ତା ଓ ସାଧାରଣ ନାଗରିକ ଏଥିରେ ଯୋଗଦେଇଥିଲେ ।

### ୨୦ରୁ ମାଟ୍ରିକ ପରୀକ୍ଷା

# ୧୬ଟି କେନ୍ଦ୍ରରେ ୨୬୪୬ ପରୀକ୍ଷାର୍ଥୀ

**ନିଶ୍ଚିନ୍ତକୋଇଲି, ୧୩।୨(ସମିସ):**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୪ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଆସନ୍ତା ୨୦ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଆଉ ଏକ ସପ୍ତାହ ପରେ ହେବାକୁ ଥିବା ମାଟ୍ରିକ ପରୀକ୍ଷା ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ପ୍ରସ୍ତୁତି କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏହି ବ୍ଲକ ଅଞ୍ଚଳରେ ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ୧୫ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା ବେଳେ ଓପନ ସ୍କୁଲ ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ଗୋଟିଏ ମାତ୍ର କେନ୍ଦ୍ର ହୋଇଛି । ପୂର୍ବାହ୍ନ ୯ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ, ଗଣିତ ବିଷୟରେ ଅଧିକ ୧୫ ମିନିଟ୍ ସମୟ ଦିଆଯିବ । ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ସିସି କ୍ୟାମେରା ଲାଗିବାର ବ୍ୟବସ୍ଥା ହୋଇଛି । ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟକୁ ବ୍ଲକର ନୋଡ଼ାଲ ସେଣ୍ଟର କରାଯାଇଥିଲା ବେଳେ ଏହାର ପରିଚାଳକ ଭାବେ କାଦମ୍ବିନୀ ମଳିକ ଏବଂ ଉପ ପରିଚାଳକ ଭାବେ ସୁବ୍ରତ କୁମାର ବେହେରାଙ୍କୁ ନିୟୋଜିତ କରାଯାଇଛି । କେନ୍ଦ୍ର ଗୁଡ଼ିକରେ ପରୀକ୍ଷା ଖାତା ଓ ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ୮ଜଣ ଶିକ୍ଷକଙ୍କୁ ମଧ୍ୟ ନିୟୋଜିତ କରାଯାଇଛି । ଏହି ବ୍ଲକର ଅସୁରେଶ୍ୱର ହାଇସ୍କୁଲ କେନ୍ଦ୍ରରେ ୧୩୯ଜଣ, ଅହମ୍ମଦ ବକ୍ସ କେନ୍ଦ୍ରରେ ୧୯୭ ଜଣ, କେନ୍ଦୁପାଟଣା କେନ୍ଦ୍ରରେ ୧୬୪ଜଣ, ରାମକୃଷ୍ଣପୁର ଓସ୍ତପୁର କେନ୍ଦ୍ରରେ ୧୬୮ଜଣ, ନରୁଆ ମଙ୍ଗଳପୁର କେନ୍ଦ୍ରରେ ୧୩୯ଜଣ, ଖଣ୍ଡାୟତ ପଟକିରା କେନ୍ଦ୍ରରେ ୧୯୧ ଜଣ, କଳିଙ୍ଗ ମଡ଼େଲ ଗଡ଼ିଜଙ୍ଗ କେନ୍ଦ୍ରରେ ୨୧୭ଜଣ, ଜନାର୍ଦ୍ଦନପୁର କେନ୍ଦ୍ରରେ ୧୨୩ଜଣ, ବଳରାମପୁର କେନ୍ଦ୍ରରେ ୧୫୧ଜଣ, ନେମାଳ ଅଚ୍ୟୁତାନନ୍ଦ ବିଦ୍ୟାପୀଠ କେନ୍ଦ୍ରରେ ୧୭୭ଜଣ, କୁଳସୁକରପଡ଼ା କେନ୍ଦ୍ରରେ ୧୦୩ ଜଣ, ଖଣ୍ଡସାହି ଜଗନ୍ନାଥ ବିଦ୍ୟାପୀଠ କେନ୍ଦ୍ରରେ ୧୭୭ଜଣ, ବାପୁଜୀ ସ୍ମାରକୀ ଉତ୍ତରକୂଳ କେନ୍ଦ୍ରରେ ୧୭୭ ଜଣ, ଇଶାଣୀ ବରହମପୁର ଚନ୍ଦ୍ରଶେଖର ହାଇସ୍କୁଲରେ ୧୯୦ଜଣ ଓ ଏ ବର୍ଷ ନୂତନ ଭାବେ ହୋଇଥିବା ଜୁବୁଲି ବିଦ୍ୟାପୀଠ ବନ୍ଧକାଟିଆ କେନ୍ଦ୍ରରେ ସର୍ବାଧିକ ୨୩୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ବୋର୍ଡ଼ ପକ୍ଷରୁ ସ୍ଥିର ହୋଇଛି । ଏହାଛଡ଼ା କୁଳିଆ, ମୁକ୍ତେଶ୍ୱର ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଓପନ ସ୍କୁଲର ମୋଟ ୯୮ଜଣ ପରୀକ୍ଷାର୍ଥୀ ମଧ୍ୟ ପରୀକ୍ଷା ଦେବେ ବୋଲି ଜଣାଯାଇଛି ।

## ପଦାମାଳରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



**ନରସିଂହପୁର, ୧୩।୨(ସମିସ):** ପଦାମାଳ ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି । ଏଥିରେ ସ୍ଥାନୀୟ ଅଞ୍ଚଳର ଯୁବ ସମାଜସେବୀ ମୁରଲୀଧର ମଲ୍ଲିକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ୧୨ ଓଭର ବିଶିଷ୍ଟ କ୍ୱାଟର ଫାଇନାଲ୍ ମ୍ୟାଚ ବାଣପୁର ସହିତ ଗଣିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବୁଧବାର ଦିନ ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହେବ ଏଥିରେ ଖଳିସାହି, ମାଧପୁର, କାନପୁର ଓ ବାଣପୁର କ୍ରିକେଟ ଦଳ ଅଂଶଗ୍ରହଣ କରିବେ ବୋଲି ସୂଚନା ମିଳିଛି । ସମୀର ରାଉତ, ବ୍ରଜ କିଶୋର ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।

